## ସଂକ୍ଷେପରେ

### ରାଜ୍ୟସ୍ତରୀୟ କବିତା ପାଠ, ପ୍ରତିଭା ସମ୍ମାନ

ଭୁବନେଶ୍ୱର, ୧୩।୮ (ଶର୍ମିଷ୍ଠା ପାଣିଗ୍ରାହୀ): ୭୮ତମ ସ୍ୱାଧୀନତା ଦିବସ ଉପଲକ୍ଷେ ତୁଷାର ଚାରିଟେବୁଲ ଟ୍ରଷ୍ଟ ଏବଂ ମା' ସୁନାଦେଈ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବୁଦ୍ଧମନ୍ଦିର ପରିସରରେ ରାଜ୍ୟସ୍ତରୀୟ କବିତା ପାଠ ଓ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ବିଦ୍ୟାଧର ବାରିକ, ଆର୍ତ୍ତବନ୍ଧୁ ଦାସ, ସତ୍ୟନାରାୟଣ ସିଂ, ଗୀତାଞ୍ଜଳି ମହାନ୍ତି, ଇନ୍ଦିରା ମିଶ୍ର, ରଶ୍ମି କର, ଶକୁନ୍ତଳା ଓଝା, ସୁଶ୍ରୀ ରଶ୍ମିତା ସାହୁ, ସୁଶ୍ରୀ ମଧୁସ୍ମିତା ମିଶ୍ରଙ୍କୁ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସାମ୍ବାଦିକତା କ୍ଷେତ୍ରରେ ଅନେକ ବ୍ୟକ୍ତିତ୍ୱଙ୍କୁ ନାରଦ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନରେ ଗୀତିକବି ବିପିନ ମହାନ୍ତିଙ୍କ ସଭାପତିତ୍ୱ ଏବଂ ଚମକଚାନ୍ଦିନୀ ଦାଶ, ଗୋଲକ ବିହାରୀ ନାୟକ ଓ ଭଜକୃଷ୍ଣ ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ସମ୍ପାଦକ ବିବେକାନନ୍ଦ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ: ୩ ଗିରଫ

ଭୁବନେଶ୍ୱର, ୧୩।୮ (ସତ୍ୟଜିତ୍ ରାଉତ): ଭୁବନେଶ୍ୱର ପୁରୁଣା ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପାର୍କିଂରେ ମଙ୍ଗଳବାର ଜୁଆ ଆଡ୍ଡା ଚାଲିଥିବାବେଳେ ଭରତପୁର ଥାନା ପୋଲିସ ଟିମ୍ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅଞ୍ଚଳର ଉମେଶ ଚନ୍ଦ୍ର ସ୍ୱାଇଁ, ଭରତପୁର ଅଞ୍ଚଳର ଶିବ ପାତ୍ର ଓ ରାମଚନ୍ଦ୍ର ରାଓ। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ସେମାନେ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି। ଅଭିଯୁକ୍ତମାନଙ୍କ ହେପାଜତରୁ ୩ ହଜାର ଟଙ୍କା, ୪ଟି ବାଇକ, ତାସ୍ ପ୍ୟାକେଟ୍ ଆଦି ଜବତ କରାଯାଇଛି।

### କୋଣାର୍କ କ୍ୟାନ୍ସର ଫାଉଣ୍ଡେଶନ ପକ୍ଷରୁ କୃତ୍ରିମ ଅଙ୍ଗ ବଣ୍ଟନ

ଭୁବନେଶ୍ୱର, ୧୩।୮ (ବନ୍ଦନା ସେଠୀ)– କୋଣାର୍କ କ୍ୟାନ୍ସର ଫାଉଣ୍ଡେଶନ ପକ୍ଷରୁ ଏମ୍ସ ଭୁବନେଶ୍ୱର ସହିତ ସମନ୍ୱୟ ରକ୍ଷା କରି ମଙ୍ଗଳବାର କର୍କଟ ପୀଡିତଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଛି। କୋଣାର୍କ କ୍ୟାନ୍ସର ଫାଉଣ୍ଡେଶନର ଏକ ଟିମ୍ ଏମ୍ସ ହସ୍ପିଟାଲ ପରିଦର୍ଶନରେ ଯାଇଥିବାବେଳେ ପୀଡିତମାନଙ୍କ ସ୍ଥିତି ଓ ଆବଶ୍ୟକତା ବିଷୟରେ ପଚାରି ବୁଝିଥିଲେ। ଏହି ସମୟରେ ଅନେକ କର୍କଟ ପୀଡ଼ିତ ମହିଳାଙ୍କୁ କୃତ୍ରିମ ସ୍ତନ ଓ କେଶ ଆବଶ୍ୟକ ଥିବା ଜାଣିଥିଲେ। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ଅରୂପ ପଟ୍ଟନାୟକ, ଏମ୍ସ ଭୁବନେଶ୍ୱର କ୍ୟାନ୍ସର ୱାର୍ଡର ମୁଖ୍ୟ କୁମାର ମୁଦୁଲି ଓ ହେଡ୍ ନର୍ସ ରୁକ୍‌ଛନ୍ଦା ନାୟକଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ପୀଡିତାଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଛି। ଏହି ସହଯୋଗ ପାଇଁ ହସ୍ପିଟାଲ୍ ଏବଂ ରୋଗୀଙ୍କ ପକ୍ଷରୁ ଫାଉଣ୍ଡେଶନକୁ ପ୍ରଶଂସା କରାଯାଇଛି।

# ନିୟମ ଉଲ୍ଲଂଘନକାରୀ ବାର୍ ଉପରେ କଡ଼ା ନଜର ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୮ (ସତ୍ୟଜିତ୍ ରାଉତ)

ରାଜଧାନୀରେ ଥିବା ବାର୍ ଓ ପବ୍‌ଗୁଡ଼ିକ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ଯାଏ ଖୋଲା ରହୁଥିବାବେଳେ ମାଲିକମାନେ ଏକାଧିକ ନିୟମ ଉଲ୍ଲଂଘନ କରୁଛନ୍ତି। ଏହି ନିୟମ ଉଲ୍ଲଂଘନକାରୀ ବାର୍‌ଗୁଡିକ ଉପରେ କଡ଼ା ନଜର ରଖିବାକୁ ଭୁବନେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ ନିର୍ଦ୍ଦେଶ ଦେଇଛନ୍ତି। ସେ ଭୁବନେଶ୍ୱର ଅବକାରୀ ଜିଲାର ସମସ୍ତ ଓଆଇସି, ଇନ୍ସପେକ୍ଟର ଓ ଉପଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନକାରୀ ବାର୍‌ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ, ଯେଉଁ ବାର୍‌ଗୁଡ଼ିକ ନିଜ ଅନୁମୋଦିତ ସ୍ଥାନଠାରୁ ଅନ୍ୟ ସ୍ଥାନରେ ଅତିରିକ୍ତ ବାର୍, ବଙ୍କେଟ୍ ଆଦି ଖୋଲିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ପାର୍ଶ୍ୱରେ କିମ୍ବା ରାସ୍ତାକୁ ଦେଖାଯାଉଥିବା ଠିପି ଖୋଲାମଦ ଦୋକାନର ସାଇନ ବୋର୍ଡ ହଟାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହି ସାଇନବୋର୍ଡଗୁଡ଼ିକୁ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି କେତେକ ମଦ ଦୋକାନ ଦୀର୍ଘଦିନ ହେବ ବନ୍ଦ ହୋଇଯାଇଥିଲେ ମଧ୍ୟ ଦୋକାନ ସାମ୍ନାରେ ସାଇନ୍‌ବୋର୍ଡ ଲାଗିରହିଛି। ସେସବୁ ସାଇନବୋର୍ଡକୁ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସଙ୍ଗୀତ କାର୍ଯ୍ୟକ୍ରମରେ ଝିଅମାନଙ୍କୁ ନିୟୋଜିତ କରି ନିୟମକୁ ଉଲ୍ଲଂଘନ କରାଯାଉଛି। ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେତେକ ଠିପି ଖୋଲା ମଦ ଦୋକାନୀ ଦୋକାନ ଆଗରେ ବିଭିନ୍ନ ମଦ ବ୍ରାଣ୍ଡର ବ୍ୟାନର ଲଗାଇ ଏହାକୁ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଉଛନ୍ତି। ଯେଉଁମାନେ ଏଭଳି ବିଜ୍ଞାପନ ଦେଉଛନ୍ତି ସେମାନଙ୍କ ବାର୍ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାର୍‌ଗୁଡିକରେ ନିୟମିତ ସିସିଟିଭି ଫୁଟେଜ୍ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ସପ୍ତାହରେ ଉପଅଧୀକ୍ଷକଙ୍କ ପକ୍ଷରୁ ବାର୍ ଚେକିଂ, ଇନ୍ସପେକସନ୍ ଆଦିର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି।

### ଜିଲା ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେଲେ ବାର୍ ଗାର୍ଲ

ବାର୍ ଗାର୍ଲମାନଙ୍କ ଲାଇସେନ୍ସ ରିନ୍ୟୁ ହୋଇ ନ ପାରିବାରୁ ସେମାନେ ବାର୍‌ରେ ନାଚି ପାରୁନାହାନ୍ତି। ଏଥିପାଇଁ ଯୁବତୀମାନେ ଗତ ୩ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଜୀବିକା ହରାଇ ଆର୍ଥିକ ସମସ୍ୟାରେ ପଡ଼ିଛନ୍ତି। ସେମାନେ ଭୁବନେଶ୍ୱର ଜିଲା ଅଧୀକ୍ଷକଙ୍କ ନିକଟରେ ଆବେଦନ କରିଥିବାବେଳେ ଏଥିପାଇଁ ସମୟ ଗଡ଼ାଇ ଦିଆଯାଉଛି। ତେଣୁ ମଙ୍ଗଳବାର ବାର୍ ଡ୍ୟାନ୍ସରମାନେ ସେମାନଙ୍କ ଦାବି ଜଣାଇବା ପାଇଁ ଜିଲା ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଦାବି ଜଣାଇଥିଲେ। ତୁରନ୍ତ ଲାଇସେନ୍ସ ରିନ୍ୟୁ କରି ସେମାନଙ୍କୁ ବାର୍‌ରେ ନାଚିବାକୁ ଅନୁମତି ଦେବା ପାଇଁ ବାର୍‌ଗାର୍ଲମାନେ ଦାବି କରିଛନ୍ତି।



ସ୍ୱାଧୀନତା ଦିବସ ଉପଲକ୍ଷେ ମଙ୍ଗଳବାର ପିଏମ୍‌ଜିରେ ଫୁଲଡ୍ରେସ ପରେଡ ରିହରସାଲ ଚାଲିଛି। (ଫଟୋ: ମନୋରଞ୍ଜନ ମିଶ୍ର)

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ଫୁଲ ଡ୍ରେସ୍ ଅଭ୍ୟାସ ପରେଡ୍

ଭୁବନେଶ୍ୱର, ୧୩।୮ (ସତ୍ୟଜିତ୍ ରାଉତ)

### ତଦାରଖ କଲେ ପୋଲିସ ଡିଜି

ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ଗୁରୁବାର ୭୮ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଗାନ୍ଧୀ ମାର୍ଗରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍ ହୋଇଛି। ଏହି ପରେଡରେ ପୋଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିବା ସହ ତଦାରଖ କରିଥିଲେ। ତାଙ୍କ ସହ ଗୋଇନ୍ଦା ବିଭାଗର ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ ଦିନ ହେବାକୁ ଥିବା ପରେଡରେ ୫୮ଟି କଣ୍ଟିଜେଣ୍ଟ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ୧୨୦ ଇନ୍‌ଫ୍ୟାଣ୍ଟ୍ରି ବାଟାଲିୟନ, ଆଇଟିବିପି, ସିଆର୍‌ପିଏଫ୍, ବିଏସ୍‌ଏଫ୍, ଛତିଶଗଡ଼ ରାଜ୍ୟ ସଶସ୍ତ୍ର ପୋଲିସ, ରେଳ ସୁରକ୍ଷା ବଳ ଏବଂ ଓଡ଼ିଶା ପୋଲିସ ଅଧୀନ ବିଭିନ୍ନ ବିଭାଗ, ଅଗ୍ନିଶମ ବାହିନୀ, ଏନ୍‌ସିସି ଏବଂ ସ୍କାଉଟ୍ସ ଗାଇଡ ଆଦି ରହିଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଏହି ପରେଡ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କଳାକୌଶଳ ଦେଖାଇଥିଲେ। ସ୍ୱାଧୀନତା ଦିବସ ଦିନ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଜଣାପଡ଼ିଛି।




ଏକାମ୍ର ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ବିଧାୟକ ବାବୁ ସିଂଙ୍କ ନେତୃତ୍ୱରେ ଆୟୋଜିତ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ।

# ବିଭିନ୍ନ ହୋଟେଲ ଯାଞ୍ଚ କଲା କମିଶନରେଟ୍ ପୋଲିସ

ଭୁବନେଶ୍ୱର, ୧୩।୮ (ସତ୍ୟଜିତ୍ ରାଉତ)



ସ୍ୱାଧୀନତା ଦିବସକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ରାତିରେ 'ସେଫ୍ ସିଟି ଡ୍ରାଇଭ' ଅଧୀନରେ କ୍ୟାପିଟାଲ ଥାନା, ଖାରବେଳନଗର, ଶହୀଦନଗର, ଲକ୍ଷ୍ମୀସାଗର ଏବଂ ବଡ଼ଗଡ଼ ଥାନା ଆଦି ଅଞ୍ଚଳରେ ଥିବା ସମସ୍ତ ହୋଟେଲରେ କଡ଼ାକଡ଼ି ଯାଞ୍ଚ କରାଯାଇଛି। ଯାଞ୍ଚ ବେଳେ ହୋଟେଲ ମାଲିକଙ୍କୁ ସରାଇ ଆପ୍ ବ୍ୟବହାର କରିବା ପାଇଁ ସଚେତନ କରାଯାଇଛି। ହୋଟେଲରେ ରହୁଥିବା ସମସ୍ତ ଅତିଥିଙ୍କ ତଥ୍ୟ ଉକ୍ତ ଆପ୍‌ରେ ସବୁଦିନ ଅପ୍‌ଲୋଡ୍ କରିବା ଏବଂ ଗ୍ରାହକମାନଙ୍କ ସମସ୍ତ ବିବରଣୀ ପଞ୍ଜୀକୃତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। କେଉଁ ହୋଟେଲରେ କେତେଜଣ ଗ୍ରାହକ ଅଛନ୍ତି, କାହାର ଆପରାଧିକ ସମ୍ପର୍କ କାହା ସହିତ ଅଛି କି ନାହିଁ ଆଦି ବିଷୟରେ ତନ୍ନତନ୍ନ ଯାଞ୍ଚ କରାଯାଇଥିଲା। ଏ କ୍ଷେତ୍ରରେ ବ୍ୟତିକ୍ରମ ଘଟିଲେ ହୋଟେଲ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦା କରାଯାଇଛି।

## ଶିକ୍ଷାନୁଷ୍ଠାନରେ 'ଘରେ ଘରେ ତ୍ରିରଙ୍ଗା ଅଭିଯାନ'

ଭୁବନେଶ୍ୱର, ୧୩।୮ (ଅସମାପିକା ସାହୁ)– ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ପାଳନ ହେଉଛି। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଏହି ଅଭିଯାନ ପାଳନ କରାଯାଉଛି। ଏଥିସହ ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ସହ ସେଲ୍‌ଫି ଉଠାଇ www.harghartiranga.comରେ ଅପଲୋଡ୍ କରିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଜିଲା ଶିକ୍ଷାଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ପ୍ରତ୍ୟେକ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଜାତୀୟପତାକା ଉତ୍ତୋଳନକୁ ସୁନିଶ୍ଚିତ କରିବେ। ୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଦେଶର କୋଣ ଅନୁକୋଣରୁ ପ୍ରତ୍ୟେକ ଭାରତୀୟ ଏହି ଅଭିଯାନରେ ସାମିଲ ହେଉଛନ୍ତି। ଏହି କ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ଯୋଡ଼ି ହୋଇଛନ୍ତି। ଏହା ୧୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ।

## ଏକାମ୍ରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର, ୧୩।୮ (ସୁବାସ ଚନ୍ଦ୍ର ପ୍ରଧାନ): ଏକାମ୍ର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବାବୁ ସିଂଙ୍କ ନେତୃତ୍ୱରେ ବିଭିନ୍ନ ୱାର୍ଡ ଏବଂ ପଞ୍ଚାୟତରେ ଜନସାଧାରଣଙ୍କ ସହ ସାକ୍ଷାତ୍‌ପୂର୍ବକ ସେ ହର୍ ଘର୍ ତ୍ରିରଙ୍ଗା ସମ୍ବନ୍ଧରେ ବୁଝାଇଥିଲେ। ୱାର୍ଡ ନଂ.୫୨ ଓ ୫୩, ଧଉଳି ପଞ୍ଚାୟତରେ ତ୍ରିରଙ୍ଗା ଯାତ୍ରା ହୋଇଥିଲା। ୧୫ ତାରିଖ ପର୍ଯ୍ୟନ୍ତ ପ୍ରତି ଘର ଓ ଅନୁଷ୍ଠାନରେ ତ୍ରିରଙ୍ଗା ଉତ୍ତୋଳନ କରାଯିବ ବୋଲି ବିଧାୟକ ସିଂ କହିଛନ୍ତି।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା

ଭୁବନେଶ୍ୱର, ୧୩।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତୀୟଙ୍କ ଗର୍ବ ଓ ଗୌରବର ପ୍ରତୀକ ତ୍ରିରଙ୍ଗା ପତାକା। ଏହା ପ୍ରତି ସମୟରେ ସ୍ୱାଧୀନତା ସଂଗ୍ରାମର ଇତିହାସ ଏବଂ ମହାପୁରୁଷଙ୍କ ବଳିଦାନର କାହାଣୀକୁ ଅନୁଭବ କରାଇଥାଏ। ଲୋକଙ୍କ ହୃଦୟରେ ଦେଶ ପ୍ରତି ସାମୂହିକ ଗର୍ବ ଓ ଏକତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମର ଅଂଶବିଶେଷ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୩ଟାରେ ଗେଟ୍ ନମ୍ବର ୨୦ାରେ ଏହି ଶୋଭାଯାତ୍ରା ମାଧ୍ୟମରେ ଜାତୀୟ ପତାକାକୁ ସମ୍ମାନ ଦେବାର ବାର୍ତ୍ତା ପ୍ରଚାର କରାଯାଇଛି। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀଙ୍କ ସମେତ ଏନ୍‌ସିସି, ଏନ୍‌ଏସ୍‌ଏସ୍, ୟୁଥ ରେଡ୍‌କ୍ରସ୍ ଏବଂ ବିଭିନ୍ନ ବିଭାଗର ଛାତ୍ରୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଉତ୍ତର ନିର୍ବାଚନମଣ୍ଡଳୀରେ ତ୍ରିରଙ୍ଗା ଶୋଭାଯାତ୍ରା




ଭୁବନେଶ୍ୱର, ୧୩।୮ (ବନ୍ଦନା ସେଠୀ)

ଭାରତୀୟ ଜନତା ପାର୍ଟି ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ଚନ୍ଦ୍ରଶେଖରପୁର ଅନ୍ତର୍ଗତ ଓମଫେଡ ଛକ ନିକଟରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୮୦ ମିଟର ଦୀର୍ଘ ଜାତୀୟ ପତାକାକୁ ଛାତ୍ରୀଛାତ୍ର ଓ କାର୍ଯ୍ୟକର୍ତ୍ତାମାନେ ଧରି ଶୋଭାଯାତ୍ରାରେ ବାହାରିଥିଲେ। ଓମଫେଡ୍ ଛକରୁ ଶୋଭାଯାତ୍ରା ବାହାରି କଳିଙ୍ଗ ହସ୍ପିଟାଲ ଛକ ଓ ଜାଭିୟର ଛକ ଦେଇ ଜନତା ମୈଦାନ ସ୍ଥିତ ଧ୍ୱଜାକ୍ଷେତ୍ର ପର୍ଯ୍ୟନ୍ତ ଯାଇଥିଲା। 'ଭାରତ ମାତା କି ଜୟ' ଓ 'ଜୟ ହିନ୍ଦ୍' ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହେବା ସହ ଦେଶାତ୍ମକବୋଧ ସଙ୍ଗୀତ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଜାତୀୟ ପତାକା ଆମ ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ପ୍ରତେକ ଭାରତବାସୀ ଏହି ଜାତୀୟ ପତାକାର ମୂଲ୍ୟ ଓ ମହତ୍ୱ ଜାଣିବା ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନର ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ଭୁବନେଶ୍ୱର ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମିଶ୍ର, ଯୁବମୋର୍ଚ୍ଚା ସଭାପତି ସ୍ୱୟଂସେବକ ରାୟ, ମହିଳା ମୋର୍ଚ୍ଚା ସଭାପତି ସୁବାସିନୀ ପୃଷ୍ଟି, ଜିଲା ଉପସଭାପତି ନିରଞ୍ଜନ ରାଉତ, ସମ୍ପାଦକ ଦିଲୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ଏବଂ ଅଞ୍ଚଳବାସୀମାନେ ବହୁ ସଂଖ୍ୟାରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# 'ହର୍ ଘର୍ ତ୍ରିରଙ୍ଗା ଅଭିଯାନ'ରେ ସାମିଲ ହେଲେ ମହିଳା

ବାରଙ୍ଗ, ୧୩।୮ (ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ଅଧୀନ ତ୍ରିଶୂଳିଆ ନୂତନ ବସଷ୍ଟାଣ୍ଡଠାରୁ ବାରଙ୍ଗ ବ୍ଲକ ପର୍ଯ୍ୟନ୍ତ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଦେଶର କୋଣ ଅନୁକୋଣରୁ ନାଗରିକମାନେ ଏହି ଅଭିଯାନରେ ସାମିଲ ହେଉଛନ୍ତି। ଏହି କ୍ରମରେ ମଙ୍ଗଳବାର ବାରଙ୍ଗ ବ୍ଲକ ଅଧୀନ ତ୍ରିଶୂଳିଆ ନୂତନ ବସ୍‌ଷ୍ଟାଣ୍ଡ ପରିସରରୁ ବାରଙ୍ଗ ବ୍ଲକ ପର୍ଯ୍ୟନ୍ତ ମୁଖ୍ୟରାସ୍ତାରେ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନର କାନ୍‌ଭାସରେ 'ଜୟ ହିନ୍ଦ୍' 'ଭାରତ ମାତା କି ଜୟ' ନାରା ଦେଇ ଏକ ଶୋଭାଯାତ୍ରା ବାହାରିଥିଲା। ବିଶେଷ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ବହୁ ପରିମାଣରେ ଯୋଗଦେଇ ହାତରେ ଜାତୀୟ ପତାକା ଧରି ସ୍ଲୋଗାନ ଦେଇ ଚାଲିଚାଲି ବ୍ଲକ ପର୍ଯ୍ୟନ୍ତ ଯାଇଥିଲେ। ଏହାପରେ ଏକ ଦସ୍ତଖତ ଅଭିଯାନ ହୋଇଥିଲା। ଆମର ଗୌରବ ଓ ସମ୍ମାନର ପ୍ରତୀକ ସାଜିଥିବା ଜାତୀୟ ପତାକାର ମହତ୍ତ୍ୱ ବିଷୟରେ ଭାରତୀୟ ନାଗରିକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ ବ୍ଲକର ପ୍ରଶାସନିକ ଅଧିକାରୀ, ମିଶନ ଶକ୍ତି ମହିଳା ସଂଗଠନ, ଅଙ୍ଗନୱାଡ଼ି କର୍ମୀ, ସ୍କୁଲ ପିଲା ପ୍ରମୁଖ ସାମିଲ ହୋଇଥିଲେ। ଏହାକୁ ବ୍ଲକ ପକ୍ଷରୁ ପରିଚାଳନା କରାଯାଇଥିଲା।



ହର୍ ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ମହିଳାମାନେ।

# ବିଏମ୍‌ସି ପକ୍ଷରୁ ୧କି.ମି. ଲମ୍ବର ତ୍ରିରଙ୍ଗା ଶୋଭାଯାତ୍ରା

ଭୁବନେଶ୍ୱର, ୧୩।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଙ୍ଗଳବାର ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହର୍ ଘର୍ ତ୍ରିରଙ୍ଗା ଅଭିଯାନ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କ୍ରମରେ ଦୀର୍ଘ ୧ କିଲୋମିଟର ବ୍ୟାପୀ ଏକ ତ୍ରିରଙ୍ଗାକୁ ନେଇ ମାଷ୍ଟରକ୍ୟାଣ୍ଟିନ ଛକରୁ ପଦଯାତ୍ରା ବାହାରି ବିଏମ୍‌ସି ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମକୁ ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ କର୍ପୋରେଟମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ସଂସ୍ଥା ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ସାଙ୍ଗକୁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବେଶଧାରୀ ଛାତ୍ରୀଛାତ୍ରମାନେ ମଞ୍ଚ ନିକଟରେ ଅଭିନୟ କରିଥିଲେ। ତ୍ରିରଙ୍ଗା ପ୍ରସ୍ତୁତ କରିବାରେ ସାମାଜିକ ସଙ୍ଗଠନ ଭୁବନେଶ୍ୱର ନାଇଟ୍ସ ରାଉଣ୍ଡ ଟେବୁଲ୍ ୨୩୦ ଓ ଭୁବନେଶ୍ୱର କୁଇନ୍ ଲେଡିଜ୍ ସର୍କଲ ୧୩୦ ପକ୍ଷରୁ ସହଯୋଗ କରାଯାଇଥିଲା। ଶୋଭାଯାତ୍ରା ପରେ ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ତ୍ରିରଙ୍ଗା ସଙ୍ଗୀତ ଓ ଘରେ ଘରେ ତ୍ରିରଙ୍ଗା ଅଭିନୟ ଅନୁଷ୍ଠିତ ହୋଇଥିଲା।

ସାରା ଦେଶରେ ଘରେ ଘରେ ତ୍ରିରଙ୍ଗା ଅଭିଯାନକୁ ଅଗଷ୍ଟ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବାବେଳେ ବିଏମ୍‌ସି ଅଞ୍ଚଳରେ ଏହାକୁ ଖୁବ୍ ଉଲ୍ଲାସର ସହିତ ପାଳନ କରାଯାଉଛି। ପ୍ରତ୍ୟେକଙ୍କ ମଧ୍ୟରେ ଦେଶାତ୍ମବୋଧକଭାବ ଏବଂ ଐକ୍ୟତା ଭରିଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଟିମ୍ ବିଏମ୍‌ସି ଏହି ବାର୍ତ୍ତା ପହଞ୍ଚାଇବା ପାଇଁ ବିଭିନ୍ନ ନାଗରିକ ଅଂଶଗ୍ରହଣ କାର୍ଯ୍ୟକ୍ରମମାନ କରୁଥିବା ମେୟର କହିଥିଲେ। ସେହିପରି କେବଳ ବିକାଶ କାର୍ଯ୍ୟ ନୁହେଁ, ବରଂ ବିଏମ୍‌ସି ବିଭିନ୍ନ ନାଗରିକ ସଂଯୋଗ କାର୍ଯ୍ୟକ୍ରମ କରି ଜନସାଧାରଣଙ୍କ ପ୍ରିୟ ହୋଇପାରିଥିବା ବିଧାୟକ ରାଉତ କହିଥିଲେ। କାର୍ଯ୍ୟକ୍ରମରେ ୧ ହଜାରରୁ ଅଧିକ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସୁପରଭାଇଜର, ସାନିଟାରି ଇନ୍ସପେକ୍ଟର, ଟିମ୍ ସାଇନ୍, ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର, ବିଭିନ୍ନ ସଂଗଠନ, ସିଆର୍‌ପିଏଫ୍‌ର ୫୦ଜଣ ଯବାନ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ପରିଚାଳନା କରିଥିଲେ।



ବିଏମ୍‌ସି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

## ସଂକ୍ଷେପରେ

### ଦୋକାନରୁ ଚୋରିକରି ଜଣେ ଗିରଫ

ନିରାକାରପୁର, ୧୩।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଦୋକାନରୁ ଚୋରି କରିବା ଅଭିଯୋଗରେ ନିରାକାରପୁର ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଖଜୁରିପଡା ମୁସଲମାନ୍ ସାହିର ଏସ୍.କେ ଅର୍‌ବାଜ ଓରଫ ନାଟୁ। ତାଙ୍କ ନିକଟରୁ ଏକ ବାଇକ୍, ୭ଶହ ଟଙ୍କା ଏବଂ ସିଗାରେଟ ପ୍ୟାକେଟ୍ ଜବତ ହୋଇଛି। ସୂଚନା ମୁତାବକ, ସ୍ଥାନୀୟ ରେଳଫାଟକ ସନ୍ନିକଟ ଏକ ଭେରାଇଟି ଷ୍ଟୋରର ଶଟର ତାଡ଼ି ଦୁର୍ବୃତ୍ତମାନେ ସାମଗ୍ରୀ ଲୁଟି ନେଇଥିବା ଦୋକାନ ମାଲିକ ପ୍ରଶାନ୍ତ କୁମାର ସାହୁ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ସହ ଲାଗିଥିବା ସିସି ଫୁଟେଜ ଯାଞ୍ଚ କରାଯାଇଥିଲା। ଏହାପରେ ନାଟୁଙ୍କୁ ଚିହ୍ନଟ କରି ପୋଲିସ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୦୭/୨୪) ରୁଜୁ ହୋଇଛି ବୋଲି ତଦନ୍ତକାରୀ ଅଧିକାରୀ ଦୀପାଳିସା ନାୟକ ସୂଚନା ଦେଇଛନ୍ତି।

### ଟଙ୍କା ଛଡ଼ାଇନେବା ଘଟଣାରେ ଜଣେ ଗିରଫ

ଜଟଣୀ, ୧୩।୮ (ରବୀନ୍ଦ୍ରନାଥ ମହାକୁଡ଼)

ଟଙ୍କା ଛଡ଼ାଇନେବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ଟିଙ୍କୁ। ତାଙ୍କ ନିକଟରୁ ୮ଶହ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୨୧/୨୪)ରୁଜୁ ହୋଇଛି। ଅଭିଯୋଗ ମୁତାବକ, ଗତ ୧୨ ତାରିଖରେ ଉମ୍ବରୁଧର ସାହୁ ଘରକୁ ଫେରୁଥିବା ବେଳେ ହରିଭାଇନା ଛକଠାରେ ଟିଙ୍କୁ ତାଙ୍କୁ ଅଟକାଇବା ସହ ୩୦ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ଉମ୍ବରୁଧରଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇବା ସହ ଟିଙ୍କୁଙ୍କୁ ଗିରଫ କରିଥିଲା। ତେବେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଜଟଣୀ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।

### ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଟାଙ୍ଗୀ, ୧୩।୮ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ପଥରବନ୍ଧ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ମୁଦୁଲିଙ୍କ ସଭାପତିତ୍ୱରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ପୂର୍ବତନ ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସିଆର୍‌ସିସି ଦୁଃଶାସନ ପ୍ରଧାନ, ପ୍ରିୟଦର୍ଶିନୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚାରା ରୋପଣ କରାଯାଇଥିଲା। ମାନବ ଜୀବନ ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

### ଗ୍ରୀନ୍ ପାରିକୁଦ ସଙ୍ଗଠନର ୧ ଲକ୍ଷ ନିମ୍ବମଞ୍ଜି ରୋପଣ

କୃଷ୍ଣପ୍ରସାଦ, ୧୩।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ଏକ ସବୁଜ, ସୁନ୍ଦର ବିଶ୍ୱ ଗଠନ ଉଦ୍ଦେଶ୍ୟରେ ଗ୍ରୀନ୍ ପାରିକୁଦ ସଙ୍ଗଠନ ପକ୍ଷରୁ ୧ ଲକ୍ଷ ନିମ୍ବମଞ୍ଜି ରୋପଣ କରାଯାଇଛି। ରଥଯାତ୍ରାରେ ପୁରୀ ତାଳବଣିଆ ଜଙ୍ଗଲ ମଧ୍ୟରେ ନିମ୍ବ ମଞ୍ଜି ରୋପଣର ଶୁଭାରମ୍ଭ କରାଯାଇଥିଲା। ପରେ ଏହା କୃଷ୍ଣପ୍ରସାଦ ପାରିକୁଦ ଅଞ୍ଚଳରୁ ଆରମ୍ଭ ହୋଇ ସାତପଡ଼ାରୁ ପୁରୀ, ପୁରୀରୁ ଭୁବନେଶ୍ୱର, ଭୁବନେଶ୍ୱରରୁ କଟକ କାଠଯୋଡ଼ି ନଦୀ କୂଳେ କୂଳେ ସିଡିଏ ଏବଂ ନରାଜ ସେତୁ ଦେଇ ମହାନଦୀ କୂଳ ଦେଇ ସମଗ୍ର କଟକର ଚତୁଃପାର୍ଶ୍ୱରେ ସମସ୍ତ ରାସ୍ତାର ଦୁଇପାର୍ଶ୍ୱରେ ଏହି ମଞ୍ଜି ରୋପଣ କରାଯାଇଛି। ପାଖାପାଖି ୧୫୦ କିଲୋମିଟର ରାସ୍ତାର ଦୁଇ ପାର୍ଶ୍ୱରେ ଏହି ୧ ଲକ୍ଷ ନିମ୍ବମଞ୍ଜି ରୋପଣ କରାଯାଇଥିବା ଗ୍ରୀନ୍ ପାରିକୁଦ ସଙ୍ଗଠନର ଆବାହକ ହିମାଂଶୁ ଶେଖର ନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ମୀନାରାଣୀ ସାହୁ, ପ୍ରଭାତୀ ପାହାଣ, ଉର୍ମିଳା ସାହୁ, ରଶ୍ମିତା ତରେଇ, ଅର୍ପିତା ସାହୁ, ନମିତା ପଣ୍ଡା, ନକୁଳ ସୁନ୍ଦରା, ଦୁଃଶାସନ ତରେଇ, ବିଷ୍ଣୁପ୍ରସାଦ ବେହେରା, ଶୁଭାଂଶୁ ଦଳବେହେରା, ଦିବ୍ୟରଞ୍ଜନ ସାହୁ, ରୁଦ୍ର ନାରାୟଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ସଦସ୍ୟା ଅମିତା ତରେଇ ଏହାର ନେତୃତ୍ୱ ନେଇଥିଲେ।

# ଐତିହ୍ୟ ଗ୍ରାମ ମାନ୍ୟତା ଅପେକ୍ଷାରେ ଚମ୍ପାଇଲୋ

ଖୋର୍ଦ୍ଧା, ୧୩।୮ (ପ୍ରଭାତ ପାଣିଗ୍ରାହୀ)



ସ୍ୱାଧୀନତା ସଂଗ୍ରାମର ରାଷ୍ଟ୍ରଯଜ୍ଞରେ ଆହୁତି ଦେଇଥିବା ଶହୀଦ୍‌ମାନଙ୍କୁ ମନେପକାଇବାର ସମୟ ଆସିଛି। ଏଭଳି ଏକ ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ ହେଉଛି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ଚମ୍ପାଇଲୋ। ନେତାଜୀ ସୁଭାଷ ବୋଷ୍‌ଙ୍କ 'ତମେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ଡାକରାରେ ୨୦ରୁ ଊର୍ଦ୍ଧ୍ୱ ସଂଗ୍ରାମୀ ଆଜାଦ୍ ହିନ୍ଦ୍ ଫୌଜରେ ସାମିଲ ହୋଇଥିଲେ। ବ୍ରିଟିଶ୍ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ ଭାବେ ପରିଚିତ ଏହି ଗାଁ ଏବେ ପରିଚୟ ଖୋଜୁଛି।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ପିଚୁକୁଳିଠାରୁ ଦେଢ଼ କିମି ଦୂରରେ ରହିଛି ଚମ୍ପାଇଲୋ ଗ୍ରାମ। ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ ଭାବେ ପରିଚିତ ଏହି ଗାଁ ଏବେ ଅବହେଳିତ। ଗ୍ରାମର ବିଶ୍ୱନାଥ ସାମନ୍ତ ଗାନ୍ଧିଜୀଙ୍କ ଡାକରାରେ ଲବଣ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ବ୍ରିଟିଶ୍ ବିରୋଧରେ ଲଢ଼େଇର ପଦଚିହ୍ନ ସ୍ୱରୂପ ତାଙ୍କୁ ସରକାର ସ୍ୱାଧୀନତାର ସ୍ୱାକ୍ଷରତାଭାବେ ମାନପତ୍ର ପ୍ରଦାନ କରିଛନ୍ତି। ତେବେ ତାଙ୍କ ସ୍ମୃତିରକ୍ଷା ନିମନ୍ତେ କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ତାଙ୍କ ଦାୟାଦମାନେ କହିଛନ୍ତି। ସେହି ସମୟରେ ଖୋର୍ଦ୍ଧା ସବ୍‌ଡିଭିଜନ୍‌ରେ ପ୍ରଥମ ରାଜବନ୍ଦୀର ମାନ୍ୟତା ପାଇଥିବା ବିଶ୍ୱନାଥଙ୍କୁ ସ୍ୱାଧୀନ ଭାରତରେ ଉପଯୁକ୍ତ ସମ୍ମାନ ଦିଆଯାଇନାହିଁ ବୋଲି ପରିବାର ଲୋକେ କହିଛନ୍ତି। ଏହି ଗ୍ରାମରେ ସଂଗ୍ରାମୀ ଭବନ, ଶହୀଦ ସ୍ତମ୍ଭଟିଏ ମଧ୍ୟ ନିର୍ମାଣ କରାଯାଇନାହିଁ ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ଇତିହାସରେ ଏହି ଗ୍ରାମକୁ ଯଥୋଚିତ ସମ୍ମାନ ପ୍ରଦାନ କରାଯାଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଜାଦ୍ ହିନ୍ଦ୍ ଫୌଜରେ ଯୋଗଦେଇଥିବା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣୀୟ ଉଦ୍ଦେଶ୍ୟରେ ରାଜ୍ୟ ସରକାର ସେମାନଙ୍କ ପରିବାରକୁ ତାମ୍ରଫଳକ ଧରାଇଦେଇ ଅନ୍ୟ କୌଣସି ବ୍ୟବସ୍ଥା କରିନାହାନ୍ତି। ସ୍ୱାଧୀନତା ଲାଗି ୨୦ ଜଣ ସଂଗ୍ରାମୀ ଯୁବକଙ୍କୁ ଦେଇଥିବା ଏହି ମାଟିର ଗୌରବମୟ ଇତିହାସ ବିଲୁପ୍ତ ହେବାକୁ ବସିଛି। ବଳିଦାନ ଏବଂ ତ୍ୟାଗସ୍ୱରୂପ ଚମ୍ପାଇଲୋ ମାଟିକୁ ଅଣଦେଖା କରାଯାଉଛି। କେନ୍ଦ୍ର ସରକାର ସୁଭାଷ ବୋଷ୍‌ଙ୍କ ଜୟନ୍ତୀ ପାଳନ ଲାଗି କେନ୍ଦ୍ରୀୟସ୍ତରରେ କମିଟି ଗଠନ କରିଥିବା ବେଳେ ସୁଭାଷଙ୍କ ସାଥିରେ ଲଢ଼ିଥିବା ସଂଗ୍ରାମୀଙ୍କୁ ଉପଯୁକ୍ତ ସମ୍ମାନାର୍ଥେ ସେମାନଙ୍କ ପ୍ରତିମୂର୍ତ୍ତି, ଶହୀଦ ସ୍ତମ୍ଭ ଏବଂ ଚମ୍ପାଇଲୋ ଗ୍ରାମକୁ ଐତିହ୍ୟ ଗ୍ରାମର ମାନ୍ୟତା ପ୍ରଦାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଦେଶ ସ୍ୱାଧୀନତାର ୭୮ତମ ବର୍ଷ ପାଳନ କରିବାକୁ ଯାଉଛି। ସବୁଠି ଉତ୍ସାହର ମାହୋଲ। ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେପକାଇ ନିଜକୁ ଗୌରବାନ୍ୱିତ ମନେକରୁଥିବା ବେଳେ ଚମ୍ପାଇଲୋ ଗ୍ରାମ ଏକପ୍ରକାର ସମାଜର ଆଢୁଆଳରେ ରହିଯାଇଛି। ସ୍ୱାଧୀନ ଭାରତର ସ୍ୱର୍ଣ୍ଣିମ ଅଧ୍ୟାୟରୁ ଏହି ଗ୍ରାମ ସତେଯେପରି ଲିଭିଯାଇଛି। ଦେଶ ପାଇଁ ଯେଉଁମାନେ ଦିନେ ବଳିଦାନ ଦେଇଥିଲେ, ଆଜି ସେହି ଗ୍ରାମରେ ସଂଗ୍ରାମୀମାନଙ୍କ କୌଣସି ସ୍ମୃତିସ୍ତମ୍ଭ ନାହିଁ। ସ୍ୱାଧୀନତା ସଂଗ୍ରାମୀଙ୍କ ଏହି ଗ୍ରାମ ଅବହେଳିତ ଅବସ୍ଥାରେ ରହିଛି। ସଂଗ୍ରାମୀଙ୍କ ସ୍ମୃତିଚିହ୍ନସ୍ୱରୂପ ଏଠାରେ ଏକ ଶହୀଦ ସ୍ତମ୍ଭ ନିର୍ମାଣ କରାଯାଇନାହିଁ। ଜିଲା ପ୍ରଶାସନର ଆନ୍ତରିକତା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ମୁକ୍ତ ସଂଗ୍ରାମରେ ବଳିଷ୍ଠ ନେତୃତ୍ୱ ଦେଇଥିବା ଏହି ଗ୍ରାମର ସତ୍ତା ହଜିବାକୁ ବସିଛି। ଖଦି ଆନ୍ଦୋଳନ ସମୟରେ ଏଠାରେ ନିର୍ମାଣ ହୋଇଥିବା ଖଦି କେନ୍ଦ୍ର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ମୁକ୍ତି ସଂଗ୍ରାମ ସମୟରେ ବନ୍ଦେ ମାତରମ୍, ଭାରତ ମାତା କୀ ଜୟ ଜୟ ଗାନରେ ମୁଖରିତ ହୋଇପଡୁଥିବା ଏହି ଗ୍ରାମର ଧୂଳିକଣାରେ ସ୍ୱାଧୀନତା ସଂଗ୍ରାମୀଙ୍କ ଛିଟା ଆଜି ବି ଉଜ୍ଜୀବିତ ରହିଛି।

# ସଂଗ୍ରାମୀଙ୍କ ଦାୟାଦ ସମ୍ମାନିତ



ବୋଲଗଡ଼, ୧୩।୮ (ଦେବବ୍ରତ ହୋତା)

ବୋଲଗଡ଼ ପ୍ରଶାସନ ପକ୍ଷରୁ ମଙ୍ଗଳବାର ନନ୍ଦିଘୋଷ ଭବନଠାରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ଶତାଧିକ ମିଶନ ଶକ୍ତି ମହିଳାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ରତିକାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ପ୍ରଧାନ, ସରପଞ୍ଚ ଗୀତାଞ୍ଜଳି ସାହୁ, ବିପିସି ସୁରୁଚି ସୁପ୍ରୀତି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବ୍ଲକସ୍ଥିତ ମିଶନ ଶକ୍ତି ଗୃହ ନିକଟରୁ ସ୍ଥାନୀୟ ବିଧାୟକ, ପଞ୍ଚାୟତ ପ୍ରତିନିଧି ଓ ବ୍ଲକ ଅଧିକାରୀମାନଙ୍କ ଗହଣରେ ମିଶନ ଶକ୍ତି ମହିଳାମାନେ ତ୍ରିରଙ୍ଗା ଯାତ୍ରାରେ ଗୋପବନ୍ଧୁ ଛକ ନିକଟକୁ ଯାଇ ସେଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ସ୍ଥାନୀୟ ନନ୍ଦିଘୋଷ ଭବନଠାରେ ଅନୁଷ୍ଠିତ ସାଧାରଣ ସଭା ସ୍ଥାନ ପରିସରରେ ମିଶନ ଶକ୍ତି ମହିଳାମାନେ ଭାରତ ମାତା, ତ୍ରିରଙ୍ଗା ଏବଂ ମହାପୁରୁଷମାନଙ୍କ ଝୋଟି ପକାଇଥିଲେ। ଛାତ୍ରୀମାନେ ଯୋଗଦେଇ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳରୁ ତତ୍କାଳୀନ ଶହୀଦ ପତିତପାବନ ହୋତା, ଚକ୍ରଧର ମହାପାତ୍ର, ବଳଭଦ୍ର ସାହୁଙ୍କ ଉଦ୍ଦେଶ୍ୟରେ ସେମାନଙ୍କର ଦାୟାଦ ଯଥାକ୍ରମେ ଗୁଣନିଧି ହୋତା, ସୁଶ୍ରୀ ଗୌରୀ ଦେବୀ, ହରିବନ୍ଧୁ ସାହୁ ପ୍ରମୁଖଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ଅଭିନାଶ ସୁବୁଦ୍ଧି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମଙ୍ଗଳାଯୋଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାରଟିଆ ସାହି ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ନିଶା ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ।

## ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ

ଟାଙ୍ଗୀ, ୧୩।୮ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମଙ୍ଗଳାଯୋଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାରଟିଆ ସାହି ଦ୍ୱାରା ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତ ମନ୍ତ୍ର, ଭାରତ ହେଉ ନିଶାରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତୋଫାନ ନାୟକ, ଶିକ୍ଷକ ରମେଶ ବେହେରା, ଶିକ୍ଷୟିତ୍ରୀ କୁନ୍ତଳା ସାହୁ, ଶୈଳଜା ସେଠୀ, ବଂଶୀଧର ସାହୁ, ଜସ୍ମିତା ରାଜ, ମମତା ନାୟକ, ଯାମିନୀ ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ନିରାକାରପୁର, ୧୩।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ପୋଲିସ ମଙ୍ଗଳବାର ବଡ଼ପୋଖରୀଆ ସ୍ଥିତ ଖଣିରେ ଚଢ଼ାଉ କରି ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିଛି। ତେବେ ଚଢ଼ାଉ ପୂର୍ବରୁ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ତେବେ ଏହି ବେଆଇନ ଖଣିକୁ କିଏ ଏବଂ କାହା ଇଙ୍ଗିତରେ ଚାଲୁଛି ସେନେଇ ତଦନ୍ତ ଚାଲିଛି ବୋଲି ସବଇନ୍ସପେକ୍ଟର ଦୀପାଳିଶା ନାୟକ ସୂଚନା ଦେଇଛନ୍ତି।

# ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କଲେ ଏମ୍‌ପି



ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

ଯାଁଳା, ୧୩।୮ (ବୁଲା ବାରିକ)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଙ୍ଗଳବାର ଯାଁଳା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଯାଁଳା ଗ୍ରାମରେ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରର ଉନ୍ନତୀକରଣ ଓ ଚିତ୍ରସାଗର ପୋଖରୀ ନିକଟରେ ଏକ ଦଶଗୁଠ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ମୁଣ୍ଡମୁହାଣ ଗ୍ରାମର ବାବା ଗ୍ରାମେଶ୍ୱରଙ୍କ ନିକଟରେ ଏକ ଗ୍ରାମୀଣ ଉଦ୍ୟାନ ଉଦ୍‌ଘାଟନ କରିଛନ୍ତି। ମା' ପାଇଁ ଗଛଟିଏ ଅଭିଯାନକୁ ସଫଳ କରିବା ପାଇଁ ମୁଣ୍ଡମୁହାଣ ଗ୍ରାମରେ ଚାରା ରୋପଣ ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ମଣ୍ଡଳ ସଭାପତି ତଥା ଯାଁଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୋଷ କୁମାର ଜେନା, ଭାଜପା ଜିଲା ସମ୍ପାଦକ ମନୋଜ କିଶୋର ନନ୍ଦ ଉପସ୍ଥିତ ଥିଲେ।

# ଗୋଡ଼ିପଦର ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ବାର୍ଷିକ ଅଧିବେଶନ

ଟାଙ୍ଗୀ, ୧୩।୮ (ରଘୁନାଥ ସାହୁ)

ଗୋଡ଼ିପଦର ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ୪୧ତମ ବାର୍ଷିକ ଅଧିବେଶନ ସଭାପତି ସୁକାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅଷ୍ଟମ ରାଜ୍ୟ ସଭାପତି ରଘୁନାଥ ସାହୁ, ସମ୍ମାନିତ ଅତିଥିଭାବେ ସମ୍ପାଦକ ଭାଗୀରଥି ସାମନ୍ତରାୟ, ଅଷ୍ଟମ ରାଜ୍ୟର ପୂର୍ବତନ ସଭାପତି ସୁରେଶ କୁମାର ସାହୁ, ମଙ୍ଗଳାଯୋଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ୱଜାତୀୟ ଭାଇମାନଙ୍କ ସୁଖଦୁଃଖ, ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ବୈଠକରେ ଗୋଳବାଇ, ନିରାକାରପୁର, ଲେଣ୍ଡୁ, ଅରାଞ୍ଚଳ, ମହିନ୍ଦୀପୁରୁ, ଗୋଡ଼ିପଦର, ଶ୍ରୀମକୁନ୍ଦପୁର ଅଞ୍ଚଳର ସ୍ୱଜାତୀୟ ଭାଇମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁକାନ୍ତ ସାହୁ, ଉପସଭାପତି ପ୍ରଭାକର ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ସହସମ୍ପାଦକ ଚିତ୍ତରଞ୍ଜନ ସାହୁ, କୋଷାଧକ୍ଷ ମୃତ୍ୟୁଞ୍ଜୟ ସାହୁ, ଉପଦେଷ୍ଟା ଭାବେ ସୁରେଶ କୁମାର ସାହୁ ଓ ଲଛମନ ସାହୁ ମନୋନୀତ ହୋଇଥିଲେ। ନୂତନ କର୍ମକର୍ତ୍ତାଙ୍କୁ ଅଷ୍ଟମ ରାଜ୍ୟ ସମ୍ପାଦକ ଭାଗୀରଥି ସାମନ୍ତରାୟ ଶପଥପାଠ କରାଇଥିଲେ।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

ବାଲୁଗାଁ, ୧୩।୮ (ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ ଧୂଆଁଳ ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ମାଡ଼ ମାରିବା ସହ ବିଷ ପିଆଇ ହତ୍ୟା କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୫୩/୨୪) ରୁଜୁ କରିଥିବା ବେଳେ ଶାଶୁଘର ଲୋକେ ଫେରାର ଥିବା ସୂଚନା ମିଳିଛି।

ଅଭିଯୋଗ ମୁତାବକ, ମାର୍ଚ୍ଚ ୨୦୧୮ରେ ବାଣପୁର ଥାନା କୁମାରଙ୍ଗ ଗ୍ରାମର ଅଜିତ୍ ସେଠୀଙ୍କ ଝିଅ ମାମୁନି ଧୂଆଁଳ ଗ୍ରାମର ପ୍ରଫୁଲ୍ଲ ସେଠୀଙ୍କ ପୁଅ ମନୋଜଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବରପକ୍ଷ ଦାବି ମୁତାବକ ୨ଲକ୍ଷ ଟଙ୍କାରୁ ୧ଲକ୍ଷ ଏବଂ ଆସବାବପତ୍ର ଦିଆଯାଇଥିଲା। ପରେ ୧ଲକ୍ଷ ଟଙ୍କା ଦିଆଯିବ ବୋଲି କହିଥିଲେ। ତେବେ ଟଙ୍କା ଦେବାରେ ବିଳମ୍ବ ହେବାରୁ ଶାଶୁଘର ଲୋକେ ମାମୁନିଙ୍କୁ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଘଟଣା ସମ୍ପର୍କରେ ମାମୁନି ବାପଘରକୁ ଜଣାଇଥିଲା। କିଛିଦିନ ପୂର୍ବେ ଅଜିତ୍ ଝିଅଘରକୁ ଆସି ଅବଶିଷ୍ଟ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇ ଯାଇଥିଲେ। ସୋମବାର ମାମୁନି ଦେହ ଅସୁସ୍ଥ ଅଛି ବୋଲି ବାପଘର ଲୋକଙ୍କୁ ଜଣାଇଥିଲେ। ତେବେ ବାପଘର ଲୋକେ ପହଞ୍ଚିବା ପୂର୍ବରୁ ମାମୁନିଙ୍କୁ ଶାଶୁଘର ଲୋକେ ବ୍ରହ୍ମପୁର ମେଡିକାଲ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାମୁନିଙ୍କ ମୃତ୍ୟୁ ଘଟିଥିଲା। ତେବେ ମାମୁନି ବିଷ ପିଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ସଫେଇ ଦେଉଥିବା ବେଳେ ଯୌତୁକ ପାଇଁ ଶାଶୁଘର ଲୋକେ ତାଙ୍କ ଝିଅକୁ ନିର୍ଯାତନା ଦେବା ସହ ବିଷ ଦେଇ ହତ୍ୟା କରିଛନ୍ତି ବୋଲି ଅଜିତ୍ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ସମସ୍ୟା ଶୁଣିଲେ ଏମ୍‌ପି, ବିଧାୟିକା

କୃଷ୍ଣପ୍ରସାଦ, ୧୩।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)



କାର୍ଯ୍ୟକ୍ରମରେ ଏମ୍‌ପି ଡା. ସମ୍ବିତ ପାତ୍ର, ବିଧାୟିକା ଉପାସନା ମହାପାତ୍ର ଏବଂ ଅଧିକାରୀମାନେ।

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ବ୍ଲକ ପ୍ରଶାସନ ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଡା.ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ, ବିଡିଓ ଅମିୟ କୁମାର ପଣ୍ଡା, ତହସିଲଦାର ଅଭିଷେକ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ଜିତେନ୍ଦ୍ର ଦାସ, ମନୋଜ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଦୀର୍ଘ ୩ଘଣ୍ଟା ଏକ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ୪ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସମସ୍ୟାକୁ ଲିଖିତ ଅଭିଯୋଗ ଗ୍ରହଣ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ସମାଧାନ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ଲକ ପରିସରରେ ମିଶନ ଶକ୍ତି ଗୃହ ଏବଂ ପଞ୍ଚାୟତ ସମିତି କଲୋନୀ ବାସଗୃହ ଉଦ୍‌ଘାଟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ନୂଆପଡ଼ା ସରପଞ୍ଚ କବିତା ଜେନା, ସମିତିସଭ୍ୟା ମମତାମୟୀ ପ୍ରଧାନ, ଅକ୍ଷୟ ମାନସିଂହ, ବିଶ୍ୱ ରଞ୍ଜନ ପ୍ରଧାନ, ରଶ୍ମୀ ରଞ୍ଜନ ସାହୁ ,ରାଜେଶ ମାଝୀ, ସଂଗ୍ରାମ କେଶରୀ ଜେନା, ପ୍ରଦୀପ ଜେନା, ଅଶୋକ ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ,ବିଷ୍ଣୁ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ, ପିରିଜିପୁର ସରପଞ୍ଚ ଇଂ.ମଳୟ ଜେନା, ଗୋପୀନାଥପୁର ସରପଞ୍ଚ ସରୋଜ ଲେଙ୍କା ପ୍ରମୁଖ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଏମ୍‌ପି ଏବଂ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲୋକଙ୍କ ସମସ୍ୟାକୁ ନେଇ ପ୍ରତି ମାସରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯିବ ବୋଲି ବିଧାୟିକା କହିଛନ୍ତି। ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଗ୍ରୀନ ପାରିକୁଦ ପକ୍ଷରୁ ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ ଚାରା ରୋପଣ କରାଯାଇଥିଲା। ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ଅଭିନ୍ନ ପଲେଇ, ପ୍ରଭାତ ଜେନା, ସୌଭାଗ୍ୟ ବଳିୟାରସିଂହ, କାଶିମ ମହମ୍ମଦ, ଆଲୋକ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।



ବର୍ଷାଜଳ ନିଷ୍କାସନ ହୋଇ ନ ପାରି ମଙ୍ଗଳବାର ଜଟଣୀ କୋର୍ଟ ଏବଂ ଟାଉନ ହଲ୍(ସ୍ରଷ୍ଟା)ସମ୍ମୁଖ ରାସ୍ତାରେ ଜମି ରହିଛି।



ଖୋର୍ଦ୍ଧା-ପିପିଲିକୁ ସଂଯୋଗ କରୁଥିବା ଜଟଣୀ ମୁଖ୍ୟରାସ୍ତାର ହରି ଭାଇନା ଛକ ନିକଟରେ ବର୍ଷାଜଳ ଜମି ରହିଛି। **(ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)**

**ସଂକ୍ଷେପରେ**

## ଟାଉନ ବସ୍ ମାଲିକ ସଂଘ ପକ୍ଷରୁ ଏସି ବସ୍ ସେବା ଆରମ୍ଭ

ପୁରୀ ୧୩।୮ (ଅଜିତ୍ କୁମାର ମହାନ୍ତି)

ପୁରୀକୁ ପ୍ରତ୍ୟହ ଲକ୍ଷାଧିକ ପର୍ଯ୍ୟଟକ ଆସୁଛନ୍ତି। ଏହି ଐତିହ୍ୟ ସହରକୁ ଭବିଷ୍ୟତରେ ସର୍ବବୃହତ୍ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବାକୁ ଲକ୍ଷ୍ୟ କରି ପୁରୀର ଟାଉନ୍ ବସ୍ ମାଲିକ ସଂଘ ପକ୍ଷରୁ ପର୍ଯ୍ୟଟକଙ୍କୁ ଉତ୍ତମ ସେବା ଦେବା ପାଇଁ ବ୍ୟବସ୍ଥା ଆରମ୍ଭ ହୋଇଛି। ପର୍ଯ୍ୟଟକଙ୍କ ନିମନ୍ତେ ୨୫ସିଟର, ୩୨ସିଟର, ୪୦ସିଟର ଭଳି ବିଭିନ୍ନ ଧରଣର ମୋଟ ୧୦ଟି ଏସି ବସ୍ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଏକ ସଭା ହଲିଡେ ରିସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି। କେକ୍ କାଟି ଚାବି ପ୍ରଦାନ କରି ବିଧିବଦ୍ଧ ଭାବେ ଉଦ୍‌ଘାଟନ କରାଯାଇଛି । କାର୍ଯ୍ୟକ୍ରମରେ ଟାଟା ମୋଟର୍ସ ଓ ଅଷ୍ଟବିନାୟକ ମୋଟର୍ସ ପ୍ରା.ଲି.ଙ୍କ ସହିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଡିଜିଏମ୍, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବଡ଼ଶଙ୍ଖ ଶାଖାର ମ୍ୟାନେଜରଙ୍କ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ସଭାରେ ଶ୍ରୀଜଗନ୍ନାଥ ଟାଉନ୍ ବସ୍ ସଂଘର ସଭାପତି ସୁରେନ୍ଦ୍ର ଦାଶ, ସଂଘର ସମ୍ପାଦକ ପ୍ରିୟରଞ୍ଜନ ଜେନା ଟାଟା ମୋଟର୍ସ ଓ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ବଡଶଙ୍ଖ ଶାଖାକୁ ସାଧୁବାଦ ଦେବା ସହ ଆଗାମୀ ଦିନରେ ସହଯୋଗ ମିଳିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଶେଷରେ ଚନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ପୁରୀ ୧୩।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ଅନ୍ତର୍ଗତ ବେଲଦଳ ପଞ୍ଚାୟତରେ ଓବିସି ମୋର୍ଚ୍ଚା ତରଫରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପଞ୍ଚାୟତର ସମସ୍ତ କାର୍ଯ୍ୟକର୍ତ୍ତା ତ୍ରିରଙ୍ଗା ପତାକା ନେଇ ପ୍ରତ୍ୟେକ ଘରର ଶୀର୍ଷ ସ୍ଥାନରେ ଲଗାଇଛନ୍ତି। ଅଗଷ୍ଟ୧୫ପର୍ଯ୍ୟନ୍ତ ତ୍ରିରଙ୍ଗା ପତାକା ମାଧ୍ୟମରେ ଦେଶଭକ୍ତି ନିର୍ମାଣ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ସଂଯୋଜକ ଦୁଷ୍ମନ୍ତ ନାୟକ, ଭାରତୀୟ ଜନତା ପାର୍ଟି ପୂର୍ବତନ ଜିଲା ସଭାପତି ପ୍ରଭନ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ଉମା ନାୟକ, ଜିଲା ଓବିସି ମୋର୍ଚ୍ଚା ସଭାପତି ଦେବ ପ୍ରସାଦ ସ୍ୱାଇଁ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକଙ୍କ ସ୍ତ୍ରୀଙ୍କଠ ବିୟୋଗ

ଅସ୍ତରଙ୍ଗ, ୧୩।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୂର୍ବତନ ମନ୍ତ୍ରୀ ତଥା କାକଟପୁର ନିର୍ବାଚନ ମଣ୍ଡଳୀର ବିଧାୟକ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ସ୍ତ୍ରୀ ଚାରୁବାଳା ଦେବୀ(୮୭)ଙ୍କ ପରଲୋକ ହୋଇଛି। ସ୍ୱର୍ଗତ ନାୟକଙ୍କ ଜୁଲାଇ ୫ରେ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ଅସୁସ୍ଥ ହୋଇ ପଡ଼ିଥିଲେ। ସୋମବାର ରାତ୍ର ୯ଟାରେ ତାଙ୍କର ହଠାତ୍ ଛାତିରେ ଯନ୍ତ୍ରଣା ହୋଇ ଷ୍ଟ୍ରୋକ ହୋଇଥିଲା। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଭୋର ସମୟରେ ତାଙ୍କ ମୃତ୍ୟୁ ଘଟିଛି।

# ଝୁଲଣ ଯାତ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ମାସ ଶୁକ୍ଳ ଦଶମୀ ତିଥିଠାରୁ ଶ୍ରୀମନ୍ଦିର ସମେତ ବିଭିନ୍ନ ମଠବାଡ଼ି ତଥା ପୁରପଲ୍ଲୀରେ ଆରମ୍ଭ ହେବ ବର୍ଷାକାଳୀନ ରାସ ତଥା ପବିତ୍ର ଝୁଲଣ ଯାତ୍ରା। ଝୁଲଣଯାତ୍ରା ପାଇଁ ସମସ୍ତ ମଠବାଡ଼ି ଓ ମନ୍ଦିରର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୭ଦିନ ବ୍ୟାପୀ ଚାଲିବ ଏହି ଯାତ୍ରା। ଝୁଲଣ କୁଞ୍ଜରେ ଝୁଲିବେ ଶ୍ରୀ ଲକ୍ଷ୍ମୀ (ଶ୍ରୀଦେବୀ), ସରସ୍ୱତୀ(ଭୂଦେବୀ) ଓ ମଦନମୋହନ। ଶ୍ରୀକ୍ଷେତ୍ରରେ ବିଭିନ୍ନ ମଠ ବାଡ଼ିରେ ମଧ୍ୟ ଝୁଲଣ ଯାତ ଅନୁଷ୍ଠିତ ହେବ। ଝୁଲଣ କୁଞ୍ଜରେ ବିଜେ ହେବେ ଶ୍ରୀ ରାଧା କୃଷ୍ଣ। ଝୁଲଣ ଯାତ ପାଇଁ ଶ୍ରୀମନ୍ଦିର ଠାରୁ ମଠ ବାଡି ଗୁଡିକ ବେଶ ଚଳଚଞ୍ଚଳ ହୋଇଉଠିଛି। ଝୁଲଣ ଯାତ ଅବସରରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ନୀତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ତିନି ବାଡ଼ରେ ସର୍ବାଙ୍ଗ ଲାଗି ଓ ବେଶ ହେବ। ମହାଜନମାନେ ସିଂହାସନରୁ ଶ୍ରୀଦେବୀ, ଭୂଦେବୀଙ୍କୁ ଦକ୍ଷିଣ ଘରୁ ମଦନମୋହନଙ୍କୁ ଆଣି ଖଟ ଶେଯରେ ବିଜେ କରାଇବେ। ପୂଜାପଣ୍ଡା ସାମନ୍ତ ମାଣ୍ଡୁଅ ଭୋଗ ଅର୍ପଣ କରିବେ। ତିନିବାଡ଼ରେ ଆଳତି ହେବ। ଏହାପରେ ତିନି ମୂର୍ତ୍ତି ଝୁଲଣ ମଣ୍ଡପ ଦୋଳିକୁ ଅଣାଯିବ। ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ସରିଲେ ଝୁଲଣ ମଣ୍ଡପଠାରେ ପଞ୍ଚ ଉପଚାରରେ ପୂଜା ହେବ। ମନ୍ଦିର ଭିତରେ ଚନ୍ଦନ ଲାଗି ସରିବା ପରେ ଝୁଲଣ କୁଞ୍ଜରେ ବିରାଜିତ ମଦନମୋହନ ଦକ୍ଷିଣଘର ଓ ଦୁଇ ଠାକୁରାଣୀଙ୍କୁ ଗର୍ଭଗୃହକୁ ବିଜେ କରାଇବେ। ତେଣୁ ଝୁଲଣ ଯାତ୍ରାକୁ ଦୃଷ୍ଟିରେ ରଖି ମୁକ୍ତିମଣ୍ଡପ ଉପରେ ଓ ସମ୍ମୁଖ ପାର୍ଶ୍ୱରେ ସାଜସଜ୍ଜା ଚାଲିଛି । ସେହିଭଳି ଶ୍ରୀକ୍ଷେତ୍ରର ମଠ ବାଡ଼ିରେ ମଧ ଝୁଲଣ ଯାତ୍ରା ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଜଗନ୍ନାଥ ବଲ୍ଲଭ ମଠ, ରାଧାବଲ୍ଲଭ ମଠ, ସିଦ୍ଧବକୁଳ ମଠ, ଶ୍ୟାମକୁଞ୍ଜ ମଠରେ ସମସ୍ତ ପ୍ରକାର ସାଜସଜ୍ଜା ସହ ଝୁଲଣ କୁଞ୍ଜ ପ୍ରସ୍ତୁତ ହେଉଛି। କୁଞ୍ଜରେ ଶୁଆ, ସାରି, ବଣି, ପାରା, ଗୁଣ୍ଡୁଚି ମୂଷା, ମାଙ୍କଡ଼ ଆଦି ମୂର୍ତ୍ତି ଖଞ୍ଜା ଯାଇଛି।

ସୂଚନାଯୋଗ୍ୟ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମୟରେ ଏହା ଶ୍ରୀମନ୍ଦିରରେ ପ୍ରଥମେ ପାଳନ କରାଯାଇଥିଲା। ଶ୍ରୀମନ୍ଦିରରେ ଗୌଡ଼ୀୟମାନଙ୍କ ପ୍ରଭାବ ସମ୍ପର୍କରେ ଏହି ଯାତ ସୂଚନା ଦେଉଛି। ଗୌଡ଼ୀୟ ସମ୍ପ୍ରଦାୟର ରାଧାକୃଷ୍ଣ ହେଉଛନ୍ତି ଉପାସ୍ୟ। ସେଥିପାଇଁ ଶ୍ରୀକୃଷ୍ଣ ଗୋପରେ ଥିବାବେଳେ କରିଥିବା ରାସକୁ ଝୁଲଣ ଯାତ୍ରା ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ।



ଝୁଲଣ ଯାତ୍ରା ପାଇଁ ଜଣେ ଶିଳ୍ପୀ ଝୁଲଣ ମଣ୍ଡପ ପ୍ରସ୍ତୁତ କରୁଛନ୍ତି ।




ବାଲାଂଦେଶରେ ହିନ୍ଦୁମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରି ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

## ରାଜପଥ ପ୍ରଶସ୍ତୀକରଣରେ କଟିବ ୫ଲକ୍ଷ ମହାଦ୍ରୁମ

ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)

ଓଡ଼ିଶାର ଅନେକ ରାଜପଥର ପ୍ରଶସ୍ତୀକରଣ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଘୋଷଣାକୁ ଓଡ଼ିଶା ଯୁବଚେତନା ସଂଗଠନ ସ୍ୱାଗତ କରିଛି। ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହ ଆଲୋଚନା କରିବାପରେ ପୁରୀ-ଭୁବନେଶ୍ୱର ୬ଲେନ୍ ପାଇଁ ୧୮୦୦କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ସେହିପରି ଖୋର୍ଦ୍ଧା-ନୟାଗଡ଼ ୪ଲେନ୍ ପାଇଁ ୧୦୦୦ କୋଟି, କେସିଙ୍ଗା-ଜୁନାଗଡ଼ ୪ଲେନ ପାଇଁ ୧୦୦୦କୋଟି ଓ ବଡ଼ବିଲ -ଚଣ୍ଡିଖୋଲ ୮ଲେନ୍ ପାଇଁ ୨୧୦୦କୋଟି ବ୍ୟୟବରାଦର ସୂଚନା ଦେଇଛନ୍ତି। ଗମନାଗମନର ବିକାଶ ପାଇଁ ଏହା ଏକ ଆବଶ୍ୟକତା ଥିଲେ ହେଁ, ଏହା ହେବାଦ୍ୱାରା ଜାତୀୟ ରାଜପଥ ପାର୍ଶ୍ୱରୁ ପାଖାପାଖି ୫ଲକ୍ଷ ବୃକ୍ଷ ଛେଦନ ହେବ। ଶିଳ୍ପ ବିକାଶ, ନଗର ଉନ୍ନୟନ ତଥା ରାସ୍ତା ପ୍ରଶସ୍ତୀକରଣ ନାମରେ ଓଡ଼ିଶା ଅତୀତରେ କୋଟିକୋଟି ବୃକ୍ଷ ହରାଇବାର ଫଳ ଚଳିତ ବର୍ଷ ଗ୍ରୀଷ୍ମପ୍ରବାହକୁ ଅନୁଭବ କରିଛି। ତେଣୁ ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ରାସ୍ତା ପାର୍ଶ୍ୱରେ ବର-ଓସ୍ତ ଭଳି ଗହଳ ବୃକ୍ଷରୋପଣ ଆରମ୍ଭ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ଯଦି ସରକାର ଏଦିଗରେ ସଂକଳ୍ପବଦ୍ଧ ନ ହୁଅନ୍ତି, ତେବେ ପ୍ରକୃତିଭରା ଓଡ଼ିଶା ରାଜ୍ୟ ଭବିଷ୍ୟତରେ ବହୁ ପ୍ରତିକୂଳ ସ୍ଥିତିର ସମ୍ମୁଖୀନ ହେବ। ଏଣୁ ସରକାର ବିକାଶ ନାମରେ ଓଡ଼ିଶାର ବିନାଶ ନ କରନ୍ତୁ ବୋଲି ପାତ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଅନ୍ତ୍ୟୋଦୟ କାର୍ଡ ଜାଲିଆତି ଘଟଣା**

ଯୋଗେଶ୍ୱରପୁର, ୧୩।୮ (ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅଧୀନ ଇଶାଣପୁର ପଞ୍ଚାୟତର କଦମ୍ବପାଟଣା ଗ୍ରାମର ମୀନାକ୍ଷୀ ଦାସଙ୍କ ଶ୍ୱଶୁର ମକରା ଦାସଙ୍କ ନାମରେ ଅନ୍ତ୍ୟୋଦୟ କାର୍ଡ ଥିଲା। ଦୀର୍ଘ ୧୦ ବର୍ଷ ତଳେ ଡିଲର୍ ବେଣୁଧର ସାହୁ ତାଙ୍କଠାରୁ କାର୍ଡ ମାଗି ନେଇ ଆଉ ଫେରାଇ ନ ଥିଲେ। ଉକ୍ତ ବ୍ୟକ୍ତି ଚାଉଳ ନ ପାଇବାରୁ ଏ ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ଫଳରେ ଅଗଷ୍ଟ ୩ରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଉକ୍ତ ଘଟଣାର ତଦନ୍ତ ପାଇଁ ପୁରୀ ଜିଲାପାଳଙ୍କ ଅଫିସରୁ ନିର୍ଦ୍ଦେଶ ଆସିଥିଲା। ଜିଲାପାଳ ଗୋପ ବିଡିଓ ଛବିରାଣି ସାହୁଙ୍କୁ ନିର୍ଦ୍ଦେଶ ଦେଲା ପରେ ସେ ଗୋପ ଯୋଗାଣ ଅଧିକାରୀ ପ୍ରଦୀପ ସେଠୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଯୋଗାଣ ଅଧିକାରୀଙ୍କୁ ପଚାରିବାରେ, ମକରା ଚାଉଳ ନେଉଛନ୍ତି। କିନ୍ତୁ ଅନ୍ତ୍ୟୋଦୟ କାର୍ଡ ଫେରି ପାଇନାହାନ୍ତି। ଏ ବିଷୟରେ ସେଠୀ କିଛି କହିପାରିବେନି ବୋଲି କହିଥିଲେ। ତେଣୁ ଡିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜନସାଧାରଣ ଦାବି କରିଛନ୍ତି।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

ବଳଙ୍ଗା, ୧୩।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା-ସାତଶଙ୍ଖ ରାସ୍ତାର ରୂପଦେଇପୁର ଛକ ବିଦେଶୀ ଢାବା ସମ୍ମୁଖରେ ମଙ୍ଗଳବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ବଳଙ୍ଗା ଥାନା ରଥ ପୁରୁଷୋତ୍ତମପୁର ଗ୍ରାମର ପ୍ରଶାନ୍ତ ବେହେରା, ପିଢସାହି ଗ୍ରାମର ମୀନକେତନ ସ୍ୱାଇଁ ଓ ବ୍ରାହ୍ମଣଖଣ୍ଡି ଗ୍ରାମର ତପୁ ସ୍ୱାଇଁ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମୀନକେତନ ଓ ତପୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ତପୁ ଓ ମୀନକେତନ ବାଇକ୍ ଯୋଗେ ପୁରୀରୁ ଘରକୁ ଫେରୁଥିଲେ। ବିପରୀତ ପଟୁ ପ୍ରଶାନ୍ତଙ୍କ ସହ ଅନ୍ୟ ୨ ଜଣ ଆଉ ଏକ ବାଇକ୍‌ରେ ଦ୍ରୁତ ଗତିରେ ଆସୁଥିବାବେଳେ ଧକ୍କା ହୋଇଥିଲା।

## ଗୋବର୍ଦ୍ଧନ ମଠରେ ପହଞ୍ଚିଲା ପାଟ ରାଖୀ

ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ପାଟ ସେବା ବିକାଶ ପରିଷଦ ପକ୍ଷରୁ ପ୍ରସ୍ତୁତ ସ୍ୱତନ୍ତ୍ର ପାଟ ରାଖୀ ପୁରୀ ଗୋବର୍ଦ୍ଧନ ମଠରେ ମଙ୍ଗଳବାର ପହଞ୍ଚିଛି। ପୁରୀ ଗୋବର୍ଦ୍ଧନ ପୀଠର ପିଠାଧୀଶ ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଦ୍ୱାରା ରାଖୀ ସ୍ପର୍ଶ ପରେ ଏହା କେନ୍ଦ୍ରାପଡ଼ାର ବଳଦେବଜୀଉ ଓ ଅନ୍ୟାନ୍ୟ ମନ୍ଦିରକୁ ଯିବ। ଶ୍ରୀଜଗନ୍ନାଥପାଟ ସେବା ବିକାଶ ପରିଷଦର ପ୍ରତିଷ୍ଠାତା ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପରାମର୍ଶ ଓ ଦିଗ୍‌ଦର୍ଶନରେ କିଛି ବର୍ଷ ହେବ ଏହି କାର୍ଯ୍ୟ ଚାଲୁ ରହିଛି। କଟକ ଜିଲା ପ୍ରତାପ ପୋଖରୀରେ ବିଭିନ୍ନ ଆକୃତିର ରାଖୀ ପ୍ରସ୍ତୁତ ହେବା ସହ ରଙ୍ଗ ଦିଆଯାଇଥାଏ। ଶ୍ରୀପଞ୍ଚମୀରୁ ଏହି ରାଖୀ ପ୍ରସ୍ତୁତି ଆରମ୍ଭ ହୁଏ। ବାଙ୍ଗାଲୋରରୁ ପାଟ ସୂତା ଆସେ। ପାଟସୂତା ପହଁଚିବା ପରେ ବିଭିନ୍ନ ରଙ୍ଗ ଦିଆଯାଏ। ୧୦-୧୫ ଜଣ କାରିଗର ରାଖୀ ତିଆରି କରନ୍ତି ବୋଲି ପରିଷଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ଗୋବର୍ଦ୍ଧନ ପୀଠର ପିଠାଧୀଶ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ପାଟ ରାଖୀ ପ୍ରଦାନ କରାଯାଉଛି ।

## ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ମହମବତି ଶୋଭାଯାତ୍ରା

**ଆର. ଜି. କର ମେଡିକାଲ କଲେଜରେ ବଳାତ୍କାର ଘଟଣାର ପ୍ରତିବାଦ**

ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)




ପଶ୍ଚିମବଙ୍ଗ ଆର. ଜି. କର ମେଡିକାଲ କଲେଜରେ ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର ସହ ହତ୍ୟା ଘଟଣାକୁ ପ୍ରତିବାଦ କରି ମହମବତି ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ମହମବତି ଯାତ୍ରା କରାଯାଇ ଅମରଆତ୍ମାର ସଦ୍‌ଗତି କାମନା କରିବା ସହ ଘଟଣାକୁ ଅତି କୋଠର ଭାଷାରେ ନିନ୍ଦା କରିଛନ୍ତି। ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ପାଇଁ ଦାବି କରାଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟାଳୟ ସାମ୍ନାରୁ ଶୋଭାଯାତ୍ରା ବାହାରି ପୁରୀ ଭିଆଇପି ରୋଡ୍ ଦେଇ ମହାବିଦ୍ୟାଳୟ କ୍ୟାମ୍ପସ ଭିତରେ ଥିବା ଭଗବାନ ଧନ୍ୱନ୍ତରୀ ମନ୍ଦିରଠାରେ ସମାପ୍ତ କରାଯାଇଥିଲା। ଶୋଭାଯାତ୍ରାରେ ଅଧ୍ୟକ୍ଷ ଅରୁଣ କୁମାର ଦାସଙ୍କ ସମେତ ଅନ୍ୟ ଅଧ୍ୟାପକ, ସ୍ନାତକ ଛାତ୍ର ସଂସଦର ସଭାପତି ଦୟାନିଧି ମହାନ୍ତି, ସାଧାରଣ ସମ୍ପାଦକ ନୀତେଶ କୁମାର, ସ୍ନାତୋକତ୍ତର ଛାତ୍ର ସଂସଦର ସଭାପତି ସତୀଶ ମିଶ୍ର. ସାଧାରଣ ସମ୍ପାଦକ ସୌମେନ୍ଦ୍ର ସାମନ୍ତରାୟଙ୍କ ସହ ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଦେଶପ୍ରେମ ଭାବନା ଭରିଲା ତ୍ରିରଙ୍ଗା ଶୋଭାଯାତ୍ରା

ପୁରୀ, ୧୩।୮ (ଅଜିତ କୁମାର ମହାନ୍ତି)

ପୁରୀ ସହରରେ ମଙ୍ଗଳବାର 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଶ୍ରୀଜଗନ୍ନାଥ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା। 'ହର୍ ଘର୍ ତ୍ରିରଙ୍ଗା', ଝଣ୍ଡା ଉଞ୍ଚା ରହେ ହମାରା, ବନ୍ଦେ ମାତରମ୍, ଭାରତ ମାତା କି ଜୟ, ଜୟହିନ୍ଦ୍ ଆଦି ଧ୍ୱନିରେ ସମ୍ପୃକ୍ତ ଅଞ୍ଚଳ ପ୍ରକମ୍ପିତ ହେବା ସହ ଦେଶାତ୍ମବୋଧକ ଭାବନାରେ ସମସ୍ତଙ୍କୁ ଆଚ୍ଛନ୍ନ କରିଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ତ୍ରିରଙ୍ଗା ଆମ ଗର୍ବ ଓ ଗୌରବର ପ୍ରତୀକ। ତେଣୁ ସମ୍ମାନର ସହ ପ୍ରତ୍ୟେକ ବ୍ୟକ୍ତି ଜାତୀୟ ପତାକାକୁ ନିଜ ଗୃହରେ ଉତ୍ତୋଳନ କରିବା ପାଇଁ ବରିଷ୍ଠ ଅଧିକାରୀମାନେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏବଂ ପୋଲିସ ରିଜର୍ଭ ଇନ୍ସପେକ୍ଟର ଚିତ୍ତରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ସାଧାରଣ ଜନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ 'ହର୍ ଘର୍ ତ୍ରିରଙ୍ଗା' କାନ୍‌ଭାସରେ ସମସ୍ତେ ଜୟ ହିନ୍ଦ୍, 'ହର୍ ଘର୍ ତ୍ରିରଙ୍ଗା' ବୋଲି ଲେଖିବା ସହ ସେଲଫି ଉଠାଇ 'ହର୍ ଘର୍ ତ୍ରିରଙ୍ଗା ଡଟ୍ କମ୍‌ରେ ଅପ୍‌ଲୋଡ୍ କରି ସାର୍ଟିଫିକେଟ ଡାଉନଲୋଡ୍ କରି ଖୁସି ହୋଇଥିଲେ।



## ଇ-ବସ୍‌ର ସ୍ଥିତି ସମୀକ୍ଷାକଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିବା ଭକ୍ତ ମାନଙ୍କ ନିମନ୍ତେ ପୂର୍ବ ବିଜେଡି ସରକାର ପକ୍ଷରୁ ଅବଢ଼ା ଯୋଜନା ମାଧ୍ୟମରେ ୩୫ ଗୋଟି ଇ-ବସ୍ ଅଣାଯାଇଥିଲା। ମାତ୍ର ଉକ୍ତ ବସ୍‌ଗୁଡ଼ିକ ଆଜି ପର୍ଯ୍ୟନ୍ତ ଭକ୍ତଙ୍କ ବ୍ୟବହାର ହେବା ପରିବର୍ତ୍ତେ ସମଙ୍ଗ ପାର୍କିଂଠାରେ ପଡ଼ି ରହିଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ପରିଚଳାନା କମିଟିରେ ବସ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସମଙ୍ଗ ପାର୍କିଂ ଯାଇ ପାର୍କିଂରେ ଥିବା ବସ୍‌ଗୁଡ଼ିକର ସମୀକ୍ଷା କରିଛନ୍ତି। ସେହିପରି ବସ୍‌ଗୁଡ଼ିକୁ ନିରୀକ୍ଷଣ କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ମୁଖ୍ୟ ପ୍ରଶାସକ ଆଲୋଚନା କରିଛନ୍ତି।

ସୂଚନାଯୋଗ୍ୟ, ଓବିସିସି ପକ୍ଷରୁ ଅବଢ଼ା ଯୋଜନାରେ ୩୫ ଇ-ବସ୍ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଥିବାବେଳେ ଏହି ବସ୍ ଚଳାଚଳ ତଥା ପରିଚାଳନା ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ବୈଷୟିକ ଜ୍ଞାନକୌଶଳ ଏବଂ ଭିତ୍ତିଭୂମି ନ ଥିବା ପରିଚାଳନା କମିଟି ଆଲୋଚନା କରିଥିଲେ। ତେଣୁ ପରିଚାଳନା କମିଟି ବୈଠକରେ ବସ୍‌ଗୁଡ଼ିକର ପରିଚାଳନା ପାଇଁ ଓଏସ୍‌ଆର୍‌ଟିସି କିମ୍ବା ଅନ୍ୟ କୌଣସି ସରକାରୀ ସଂସ୍ଥାକୁ ହସ୍ତାନ୍ତର କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ପ୍ରଶାସକଙ୍କୁ ପରିଚାଳନା କମିଟି ଅଧିକୃତ କରିଥିଲେ। ତଦନୁସାରେ ପରବର୍ତ୍ତୀ ପଦକ୍ଷେପ ନେବା ପୂର୍ବରୁ ମୁଖ୍ୟ ପ୍ରଶାସକ ପାଢ଼ୀ ପାର୍କିଂସ୍ଥଳକୁ ଯାଇ ବସ୍‌ଗୁଡ଼ିକର ସ୍ଥିତି ସମୀକ୍ଷା ଏବଂ ନିରୀକ୍ଷଣ କରିଛନ୍ତି। ଯଥାଶୀଘ୍ର ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏହି ଇ-ବସ୍ ସମ୍ପର୍କରେ ବୈଠକ କରାଯାଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହେବ ବୋଲି ମୁଖ୍ୟ ପ୍ରଶାସକ ପାଢ଼ୀ ସୂଚନା ପ୍ରଦାନ କରିଛନ୍ତି।




ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଇ-ବସ୍‌ର ସ୍ଥିତି ସମୀକ୍ଷା କରୁଛନ୍ତି ।

## ସଂକ୍ଷେପରେ

### ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ଡାକ୍ତରୀ ସଂଘ

**ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା**

**କଟକ,୧୩।୮(ଶିଳ୍ପା ପ୍ରିୟଦର୍ଶିନୀ):** କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଟ୍ରେନିଂ ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା ନେଇ ଏସ୍‌ସିବି ମେଡିକାଲରେ ସମସ୍ତ ଡାକ୍ତରୀ ସଂଘ ସଦସ୍ୟ ଏକଜୁଟ୍ ହୋଇଛନ୍ତି। ମଙ୍ଗଳବାର ସିନିୟର ରେସିଡେଣ୍ଟସ୍, ଜୁନିୟର ରେସିଡେଣ୍ଟସ୍, ହାଉସ ସର୍ଜନ ଓ ଡାକ୍ତରୀ ଛାତ୍ର ସଂଘର ସମସ୍ତ ସଦସ୍ୟ ମେଡିକାଲରେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଛନ୍ତି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବା ପାଇଁ ସମସ୍ତ ସଂଘ ସଦସ୍ୟ ନୋଟିସ ଜାରି କରିଛନ୍ତି। ଅପରପକ୍ଷରେ ମେଡିକାଲ କଲେଜର ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଉକ୍ତ ସଂଘର ସଦସ୍ୟମାନେ ମହମବତି ଶୋଭାଯାତ୍ରାରେ ବାହାରି ମେଡିକାଲର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ଏନେଇ ସିନିୟର ରେସିଡେଣ୍ଟସ୍ ଡାକ୍ତରୀ ସଂଘର ମୁଖପାତ୍ର ଗୌତମ ପଣ୍ଡା କହିଛନ୍ତି, ରୋଗୀଙ୍କୁ ଚିକିତ୍ସା ଯୋଗାଇଦେବାକୁ ଡାକ୍ତରମାନେ ଦିନରାତି କାମ କରୁଛନ୍ତି। ହେଲେ ଡାକ୍ତର ଅସୁରକ୍ଷିତ। ଡାକ୍ତରଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ।

### ବକ୍ତୃତା, କବିତା ଆବୃତ୍ତି ପ୍ରତିଯୋଗିତା

**କଟକ,୧୩।୮ (କାର୍ତ୍ତିକ ସାହୁ):** ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ କାଜିବଜାରସ୍ଥିତ ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ବକ୍ତୃତା, ଦେଶାତ୍ମବୋଧକ କବିତା ଆବୃତ୍ତି ପ୍ରତିଯୋଗିତା ସହ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମଲ୍ଲିକ ଯୋଗଦେଇଥିଲେ। ବିକଶିତ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଏବଂ କବିତା ଆବୃତ୍ତି ପ୍ରତିଯୋଗିତାରେ ଡ. ବୈଜୟନ୍ତି ମିଶ୍ର ଓ କବି ଶକ୍ତିପ୍ରଦା ମିଶ୍ର ବିଚାରକ ଭାବେ ଯୋଗଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ରେଭେନ୍‌ଶା କଲିଜିଏଟ୍ ସ୍କୁଲର ଛାତ୍ର ସିଦ୍ଧାନ୍ତ କୁମାର ସାହୁ ପ୍ରଥମ, ଛାତ୍ରୀ ବଂଶିକା ପ୍ରିୟଦର୍ଶିନୀ ଦ୍ୱିତୀୟ ଓ କାଜିବଜାର ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ଶକ୍ତି ସ୍ୱରୂପା ସିଂହସାମନ୍ତ ତୃତୀୟ ହୋଇଥିଲେ। ସେହିପରି କବିତା ଆବୃତ୍ତି ପ୍ରତିଯୋଗିତାରେ କାଜିବଜାର ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ଅର୍ପିତା ସିଂ ପ୍ରଥମ, ବିଶ୍ୱରୂପା ସିଂହସାମନ୍ତ ଦ୍ୱିତୀୟ ଓ ରେଭେନ୍‌ଶା କଲିଜିଏଟ୍ ସ୍କୁଲର ଛାତ୍ରୀ ପ୍ରାଚୀ ପୁଣ୍ୟତୋୟା ଭଦ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଙ୍ଗଠନ ସମ୍ପାଦିକା ମୀରା ବେଉରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଡ. ପ୍ରଭାବତୀ ପଣ୍ଡା, ଗାୟତ୍ରୀ କର, ନିବେଦିତା ପାଣି ଓ ସଂଘମିତ୍ରା ପାଢ଼ୀ ସହଯୋଗ କରିଥିଲେ। ସହ ସମ୍ପାଦିକା ଇନ୍ଦିରା ଅରୋରା ଧନ୍ୟବାଦ ଦେଇଥିଲେ। ସଂଘ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ସ୍ୱାଧୀନତା ଦିବସରେ ବକ୍ସିବଜାରସ୍ଥିତ ନାରୀସେବା ସଦନଠାରେ ଆୟୋଜିତ ଉତ୍ସବରେ ପୁରସ୍କୃତ କରାଯିବ।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

**କଟକ,୧୩।୮(ଶିଳ୍ପା ପ୍ରିୟଦର୍ଶିନୀ)**

- **ଘରୋଇ ହସ୍ପିଟାଲର ୨ କର୍ମଚାରୀ ଅଟକ**
- **ଥାନାରେ ଏତଲା**

କଟକ ବକ୍ସିବଜାରଠାରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଅଞ୍ଚଳର ଚୁନିଆ ରାଉତ(୪୫)। ଏନେଇ ଚୁନିଆଙ୍କ ପରିବାର ପକ୍ଷରୁ କ୍ୟାଣ୍ଟନମେଣ୍ଟ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା(୧୨୪/୨୪) ରୁଜୁ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଚୁନିଆଙ୍କ ଆଖିକୁ ଭଲ ଭାବେ ଦେଖା ନ ଯିବାରୁ ମଙ୍ଗଳବାର ସେ ଉକ୍ତ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ତାଙ୍କର ଅସ୍ତ୍ରୋପଚାର ପାଇଁ ମେଡିକାଲ ପକ୍ଷରୁ ପରିବାର ଲୋକଙ୍କୁ କୁହାଯାଇଥିଲା। ଏଥିରେ ସେମାନେ ରାଜି ହୋଇଥିଲେ। ଚୁନିଆଙ୍କୁ ଏକ ଇଞ୍ଜେକଶନ୍ ଦିଆଯିବା ପରେ ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ଅସ୍ତ୍ରୋପଚାର ଅଧାରୁ ଚୁନିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ପରିବାର ଲୋକଙ୍କୁ ମେଡିକାଲ କର୍ତ୍ତୃପକ୍ଷ କହିଥିଲେ। ହସ୍ପିଟାଲ ପକ୍ଷରୁ ଏକ ଗାଡ଼ି ଯୋଗେ ୨ କର୍ମଚାରୀଙ୍କ ସହ ଏସ୍‌ସିବି ମେଡିକାଲକୁ ଚୁନିଆଙ୍କୁ ପଠାଇ ଦିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡିବା ପରେ ଏସ୍‌ସିବି ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତାଙ୍କ ପରିବାର ଲୋକେ ଉକ୍ତ ଘରୋଇ ହସ୍ପିଟାଲର ୨ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଖବରପାଇ ମଙ୍ଗଳାବାଗ ଓ କ୍ୟାଣ୍ଟନମେଣ୍ଟ ପୋଲିସ ପହଞ୍ଚି ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣ କରିଥିଲା। ଏସ୍‌ସିବି ଶବ ବ୍ୟବଚ୍ଛେଦ ଗୃହରେ ମୃତଦେହ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ।

ଏନେଇ ଚୁନିଆଙ୍କ ପୁଅ ଅନ୍ତର୍ଯ୍ୟାମୀ ରାଉତ କହିଛନ୍ତି, ମା'ଙ୍କ ଆଖି ଅସ୍ତ୍ରୋପଚାର ଅଧାରୁ ଘରୋଇ ମେଡିକାଲରୁ ଏସ୍‌ସିବିକୁ ପଠାଯାଇଥିଲା। ଘରୋଇ ହସ୍ପିଟାଲର ଡାକ୍ତର ଚିକିତ୍ସାରେ ଅବହେଳା କରିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷ ଏଭଳି ଭାବେ ରୋଗୀଙ୍କୁ ଏସ୍‌ସିବି ମେଡିକାଲ ପଠାଇ ନିଜର ଭୁଲ୍ ଲୁଚାଇବାକୁ ଉଦ୍ୟମ କରୁଛନ୍ତି। ଏଭଳି ହସ୍ପିଟାଲ ଖୋଲି ରୋଗୀଙ୍କ ପରିବାର ଲୋକଙ୍କଠାରୁ କର୍ତ୍ତୃପକ୍ଷ ଟଙ୍କା ଲୁଟୁଛନ୍ତି। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନ୍ତର୍ଯ୍ୟାମୀ କହିଛନ୍ତି। ଅପରପକ୍ଷରେ ଘରୋଇ ହସ୍ପିଟାଲର କର୍ମଚାରୀ ସୁଜିତ୍ କୁମାର ସ୍ୱାଇଁ କହିଛନ୍ତି, ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ହେଲେ ଅଧାରୁ ମହିଳାଙ୍କ ଅବସ୍ଥା ଗୁରୁତର ହେବାକୁ ଏସ୍‌ସିବି ମେଡିକାଲକୁ ପଠାଯାଇଥିଲା। କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ପ୍ରମୋଦ କୁମାର ପଟ୍ଟନାୟକ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ।



ଅନୁପ୍ରବେଶକାରୀଙ୍କୁ ହଟାଇବା ଦାବି ନେଇ କଟକ ସୁରକ୍ଷା ସମିତି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।


ତ୍ରିରଙ୍ଗା ଶୋଭାଯାତ୍ରାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅନ୍ୟମାନେ।

## ବେଲ୍‌ଭ୍ୟୁ ଛକରୁ କଳ୍ପନା ଛକ ତ୍ରିରଙ୍ଗା ଶୋଭାଯାତ୍ରା

**କଟକ,୧୩।୮ (କାର୍ତ୍ତିକ ସାହୁ)**

ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ତ୍ରିରଙ୍ଗା ମାଧ୍ୟମରେ ଜାତୀୟତାବାଦ, ରାଷ୍ଟ୍ରବାଦ ପ୍ରଚାର କରିବା ସହ ଲୋକଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବାର ପ୍ରୟାସ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଦେଶରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଉଛି। ଏହି ପରିପ୍ରେକ୍ଷୀରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ନେତୃତ୍ୱରେ ପ୍ରଥମେ ଓଡ଼ିଆବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମପୀଠରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରୁ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ତ୍ରିରଙ୍ଗା ପଦଯାତ୍ରା କରି ତେଲେଙ୍ଗା ବଜାରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜିଲା ପ୍ରଭାରୀ ଡ. ଯତୀନ ମହାନ୍ତି ଯୋଗଦେଇଥିଲେ। ଏହାପରେ ବେଲଭ୍ୟୁ ଛକରୁ ଭୁବନେଶ୍ୱରର କଳ୍ପନା ଛକ ଅଭିମୁଖେ ବିଶାଳ ଶୋଭାଯାତ୍ରା ହୋଇଥିଲା। ଏହି ଯାତ୍ରାର ବିଭିନ୍ନ ସ୍ଥାନରେ ମହାଲିଙ୍ଗ ଓ ମହାନ୍ତିଙ୍କୁ ଜନସାଧାରଣ ସମ୍ବର୍ଦ୍ଧିତ କରିଥିଲେ। ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ହାତରେ ତ୍ରିରଙ୍ଗା ପତାକା ଧରି ଏହି ଯାତ୍ରାରେ ସାମିଲ ହୋଇଥିଲେ। କେତେଜଣ ଯୁବ କର୍ମକର୍ତ୍ତା ଯବାନ ବେଶ ଓ ଭାରତ ମାତା ବେଶରେ ନୃତ୍ୟ ପରିବେଷଣ କରିଥିଲେ। ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ସଂଗ୍ରାମ ପାତ୍ର, ପ୍ରକାଶ ମଲ୍ଲିକ, ରାଜ୍ୟ ସମ୍ପାଦକ ଗଗନ ଓଝା, ଜୀବନ ରାଉତ, ସୁବ୍ରତ ବିଶ୍ୱାଳ, ପ୍ରଶାନ୍ତ ପାଇକରାଏ, ଚଣ୍ଡୀ ପ୍ରସାଦ ବେହେରା, କେନ୍ଦ୍ରାପଡ଼ା ଜିଲା ସଭାପତି ଶୋଭନ ଆଚାର୍ଯ୍ୟ ଓ କଟକ ଜିଲା ସଭାପତି ନଳିନୀକାନ୍ତ ରାୟ ପ୍ରମୁଖ ସାମିଲ ହୋଇଥିଲେ।

# ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ପୂରଣ କରାଯିବ

**କଟକ,୧୩।୮ (କାର୍ତ୍ତିକ ସାହୁ)**

**ତ୍ରିରଙ୍ଗା ଶୋଭାଯାତ୍ରା**

ଜାତୀୟତାର ପ୍ରତୀକ ତ୍ରିରଙ୍ଗାକୁ ସମ୍ମାନ ଜଣାଇ ଦେଶବ୍ୟାପୀ ଚାଲିଥିବା ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ଅଂଶସ୍ୱରୂପ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଶୁଭାରମ୍ଭ କରିଛନ୍ତି। ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନେଇ ଆୟୋଜିତ ଏହି ବିଶାଳ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସ୍ୱରାଜ ଆଶ୍ରମ ଦେଇ ସହର ପରିକ୍ରମା କରିଛି। ଜାତୀୟ ସଂହତି, ସଂପ୍ରୀତି ଓ ପ୍ରଗତି ସହ ରାଷ୍ଟ୍ରପ୍ରେମର ମନ୍ତ୍ରରେ ଉଦ୍‌ବୁଦ୍ଧ ହେବା ଏବଂ ଆମର ଗର୍ବ ଓ ଗୌରବ ଜାତୀୟ ପତାକାର ମହନୀୟତାକୁ ସର୍ବଦା ମନେପକାଇବାକୁ ଜିଲାପାଳ କହିଛନ୍ତି। ଏଥିସହ ଜିଲାପାଳ ଶିନ୍ଦେ ହର ଘର ତିରଙ୍ଗା କାନ୍‌ଭାସ୍‌ରେ ଦସ୍ତଖତ କରିଥିଲେ। ପରେ ସିଡିଏ ନିକଟସ୍ଥ ଜର୍ଜପଠା ବସ୍ତିକୁ ଯାଇ ଜାତୀୟ ପତାକା ବଣ୍ଟନ କରିଥିଲେ। ନିଜ ଘରେ ଗର୍ବର ସହ ଜାତୀୟ ପତାକା ଉଡ଼ାଇବାକୁ ଜିଲାପାଳ ବସ୍ତିବାସିନ୍ଦାଙ୍କୁ କହିଥିଲେ। ଏଥିସହ ବସ୍ତି ପରିସରସ୍ଥ ତିଲକ୍ ନଗର ପାଠାଗାର ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ସେ ଆଲୋଚନା କରିଥିଲେ। ଶିକ୍ଷା ସମ୍ବନ୍ଧିତ ସେମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରିବା ନିମନ୍ତେ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।


କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା।

## ୨ ସ୍ଥାନରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

**କଟକ ସଦର,୧୩।୮(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ଓ ପରମହଂସରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଭୟ ସ୍ଥାନରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତ୍ରିରଙ୍ଗା ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ୪୨ ମୌଜାର ରଣାଷଣ୍ଡି ନିକଟରୁ ମଙ୍ଗଳବାର ଶୋଭାଯାତ୍ରା ବାହାରି ନୀଳକଣ୍ଠନାଥଦେବ ମନ୍ଦିର ନିକଟରେ ଶେଷ ହୋଇଥିଲା। ପରେ ବିଧାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ଅଞ୍ଚଳର ୭୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ସୁଧାଂଶୁ ଦାସ, ସମୀର ପଣ୍ଡା, ଅଶୋକ ବିଶ୍ୱାଳ, ପ୍ରଦୀପ୍ତ ମହାପାତ୍ର, ଉମାକାନ୍ତ ନନ୍ଦ, ପୀୟୁଷ ପରିଡ଼ା, ସଞ୍ଜୟ ବେହେରା ଯୋଗଦେଇଥିଲେ। କୃଷକ ନେତା ଦେବୀ ପ୍ରସାଦ ପତି ଧନ୍ୟବାଦ ଦେଇଥିଲେ। ସେହିପରି ସୋମବାର ପରମହଂସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ମଣ୍ଡଳ ସଭାପତି ଅଭୟ ସ୍ୱାଇଁ, ହୃଷୀକେଶ ଜେନା, ନିରଞ୍ଜନ ରାଉଳ, ପ୍ରତିଭା ଶତପଥୀ ଓ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଳି ପ୍ରମୁଖ ଯୋଗଦେଇଥିଲେ। ତ୍ରିରଙ୍ଗା ଶୋଭାଯାତ୍ରା ବିରିବାଟୀରୁ ବାହାରି ମଉଗଜପୁର, ରାଜହଂସ ଦେଇ ପରମହଂସଠାରେ ପହଞ୍ଚିଥିଲା।

## ଡିପିଏସ୍ କଳିଙ୍ଗରେ ମୁନ୍-୨୦୨୪


କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରତିନିଧି।

**ଫୁଲନଖରା,୧୩।୮ (ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ସଦର ଥାନା ଅନ୍ତର୍ଗତ ଅଡାଳିଆସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍) କଳିଙ୍ଗରେ ମଡେଲ ୟୁନାଇଟେଡ୍ ନେସନ(ମୁନ୍-୨୦୨୪)ର ତୃତୀୟ ସଂସ୍କରଣ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ୟୁ. ଏନ୍. ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବାବେଳେ ସମାପନ ଉତ୍ସବରେ ଇଗ୍ନୋ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ ତ୍ରିପାଠୀ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଅନୁରାଧା ରକ୍ଷିତ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୩୫୦ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏଥିରେ ୬ଜଣ ସଦସ୍ୟ କାର୍ଯ୍ୟନିର୍ବାହୀ ବୋର୍ଡ କମିଟିର ସଦସ୍ୟ ରହିଥିଲେ। ମିଳିତ ଜାତୀୟ ମାନବାଧିକାର ପରିଷଦ, ମାନବିକ ଅଧିକାର, ଇସ୍ରାଏଲ ଓ ପାଲେଷ୍ଟାଇନ ବିବାଦରେ ସାଧାରଣ ନାଗରିକଙ୍କ ସମସ୍ୟା, ଐତିହାସିକ ଫ୍ଲାଗ୍‌ଶିପ୍ କମିଟି, ପ୍ୟାରିସ୍ ଶାନ୍ତି ସମ୍ମିଳନୀ, ଅନ୍ତର୍ଜାତୀୟ ସହଯୋଗର ବିକାଶ ପାଇଁ ଏକକ ବିଶ୍ୱ ସଙ୍ଗଠନ ପ୍ରତିଷ୍ଠା, କଶ୍ମୀର ପ୍ରସଙ୍ଗ, ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସିର ଜଳବାୟୁ ପରିବର୍ତ୍ତନ ଏବଂ ଆଣବିକ ଶକ୍ତିର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପ୍ରତିନିଧିମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ଦିଆଯାଇଥିଲା। ସାଧାରଣ ସମ୍ପାଦକ ଅଦିତି ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରୋ ଭାଇସ୍ ଚେୟାରପର୍ସନ ମାଳା ମିଶ୍ର, କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ପରିବେଶ ବିଜ୍ଞାନ କ୍ଷେତ୍ରରେ ଅଧିକ ଗବେଷଣା ଆବଶ୍ୟକ

**କଟକ,୧୩।୮ (କାର୍ତ୍ତିକ ସାହୁ)**

ସାମ୍ପ୍ରତିକ ସ୍ଥିତିରେ ଉଦ୍ଭିଦ ଓ ପରିବେଶ ବିଜ୍ଞାନ ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଏହି କ୍ଷେତ୍ରରେ ବୈଜ୍ଞାନିକ ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ ବୋଲି ବନ୍ଦେ ଉତ୍କଳ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ବଙ୍ଗାଳୀ ସାହିସ୍ଥିତ ମା' ଶାରଳା ସଦନଠାରେ ଅନୁଷ୍ଠିତ ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ମହାନ୍ତି ଓ ଅନ୍ୟ ଅତିଥି ଭାବେ ଡକ୍ଟର ହେମେନ୍ଦ୍ର ନାରାୟଣ ଦାସ, ପ୍ରଫେସର ସୁଦର୍ଶନ ପଟ୍ଟନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଆଇନଜୀବୀ ଦେବସ୍ନାନ ଦାସ ବକ୍ତବ୍ୟରେ ପଟ୍ଟନାୟକଙ୍କୁ ଉଦ୍ଭିଦ ବିଜ୍ଞାନର ପ୍ରବାଦ ପୁରୁଷ ବୋଲି କହିଥିଲେ। ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, ସର୍ବାଧିକାରୀ ସୁରେଶ ଚନ୍ଦ୍ର ସାହୁ, ବିଦ୍ୟୁତ୍ କୁମାରୀ ଲାଲା, ବିଚିତ୍ରାନନ୍ଦ ମିଶ୍ର, ଜାଡ଼ି ମଙ୍ଗଳା ସାହିତ୍ୟ ସଂସଦ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ପୁତ୍ର ଗୋକୁଳାନନ୍ଦ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭୁବନାନନ୍ଦ ମହାନ୍ତି ପ୍ରାରମ୍ଭିକ ସୂଚନା, ଡ. ଜୟନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ବସ୍ତିବାସିନ୍ଦାଙ୍କୁ କର୍ମସ୍ଥଳୀରେ ଥଇଥାନ କରାଯାଉ

**କଟକ,୧୩।୮ (କାର୍ତ୍ତିକ ସାହୁ)**

କଟକ ପ୍ରେସ୍ ଛକ ତେଲୁଗୁ ବସ୍ତିବାସିନ୍ଦାଙ୍କୁ କର୍ମସ୍ଥଳୀରେ ଥଇଥାନ କରାଯିବା ଦାବିରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଶ୍ରମିକ ନେତା ରାଜକିଶୋର ମଲ୍ଲିକ, ବସ୍ତିନେତା ଦୀପକ ଦାସ, ସ୍ୱାଧୀନ ବେହେରା, ସିପ୍ରା ମହାନ୍ତି, ସୁକାନ୍ତ ନାୟକ, ଉମେଶ ଦାସ, ହେମନ୍ତ ଦାସ, ଜି. ଲଳିତା, ସୀମା ଦାସ, ପି. ସୀମାଦ୍ରି ରାଓ, ଜେ. ମୁନା ରାଓ ଏବଂ ପି. ତ୍ରିନାଥ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

ମିଳିଥିବା ସୂଚନା ଅନୁସାରେ, ପୂର୍ବ ସରକାର ସମୟରେ ଏହି ବସ୍ତିକୁ ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ନରଣପୁର ସ୍ଥାନାନ୍ତର କରିବାକୁ କୁହାଯାଇଥିଲା। ବସ୍ତିବାସିନ୍ଦା ଜୀବିକା ହରାଇବା ଭୟରେ ଦୂରକୁ ସ୍ଥାନାନ୍ତର ହେବାକୁ ଚାହୁଁନାହାନ୍ତି। ତେଣୁ ବସ୍ତିର ଲୋକମାନେ ଭୟ ଆଶଙ୍କା ମଧ୍ୟରେ ରହୁଛନ୍ତି। ପ୍ରେସ୍ ଛକ ତେଲୁଗୁ ବସ୍ତିକୁ ନରଣପୁର ସ୍ଥାନାନ୍ତର ନିଷ୍ପତ୍ତି ପରିବର୍ତ୍ତନ କରିବା, ବସ୍ତିବାସିନ୍ଦାଙ୍କୁ ସେହି ସ୍ଥାନ କିମ୍ବା ନିକଟସ୍ଥ କର୍ମସ୍ଥଳରେ ଜାଗା ମିଶନ ନିୟମ ଅନୁଯାୟୀ ଥଇଥାନ କରି ପଟ୍ଟା ଦେବା ପାଇଁ ଦାବି ହୋଇଛି। ଏସବୁ ଦାବି ସମ୍ବଳିତ ଏକ ସ୍ମାରକପତ୍ର ସିଏମ୍‌ସି କମିଶନରଙ୍କୁ ଦିଆଯାଇଛି।



ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ।




୧୩।୮।୨୦୨୪

| | |
|---|---|
| ୬,୫୯, ୮୨୩ ଟଙ୍କା | |
| ସୁନା | ୮୦୦ ମିଲିଗ୍ରାମ୍ |
| ରୁପା | ୩୧.୪୫୦ ଗ୍ରାମ୍ |

# ୧୫ ଦିନ ମଧ୍ୟରେ ରିପୋର୍ଟ ଦେବ ତଦନ୍ତ କମିଟି

## ବଡ଼ଠାକୁର ଖସିପଡ଼ିବା ଘଟଣାର ତଦନ୍ତ ଆରମ୍ଭ

ପୁରୀ,୧୩।୮ (ଅଜିତ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଆଡ଼ପମଣ୍ଡପ ପହଣ୍ଡିବେଳେ ବଡ଼ଠାକୁର ପ୍ରଭୁ ବଳଭଦ୍ର ରଥ ଉପରୁ ଚାରମାଳ ଉପରକୁ ଖସିପଡ଼ିଥିଲେ। ଉକ୍ତ ଘଟଣା ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଅଗଣିତ ଜଗନ୍ନାଥପ୍ରେମୀଙ୍କୁ ଏହା ଆଘାତ ଦେଇଥିବାବେଳେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏହି ଘଟଣାର ତଦନ୍ତ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ଘଟଣାର ଏକମାସ ପରେ ୩ ଜଣିଆ କମିଟି ତଦନ୍ତ ଆରମ୍ଭ କରିଛି। ପ୍ରଭୁ ବଳଭଦ୍ରଙ୍କ ବାଡ଼ଗ୍ରାହୀ ଏବଂ ପହଣ୍ଡି ବିଜେ ନୀତିରେ ସମ୍ପୃକ୍ତ ସେବାୟତ ନିଯୋଗର କର୍ମକର୍ତ୍ତାଙ୍କୁ ଡାକି କମିଟି ପଚରାଉଚରା କରିଛି।

ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ ୩ ଜଣିଆ ତଦନ୍ତ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଶ୍ରୀମନ୍ଦିର ନୀତି ପ୍ରଶାସକ, ଅତିରିକ୍ତ ଜିଲାପାଳ ଏବଂ ସିଟି ଡିଏସ୍‌ପି ସଦସ୍ୟ ରହିଛନ୍ତି। ୧୫ ଦିନ ଭିତରେ ଏହି ତଦନ୍ତ ପ୍ରକ୍ରିୟା ଶେଷ କରାଯାଇ ଶ୍ରୀମନ୍ଦିର ପରିଚାଳନା କମିଟିକୁ ରିପୋର୍ଟ ଦିଆଯିବା ପରେ ପରିଚାଳନା କମିଟି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସୂଚନା ମିଳିଛି। ଏନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ କହିଛନ୍ତି, ପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ନିର୍ଦ୍ଦେଶ ମୁତାବକ ପୁରୀ ଅତିରିକ୍ତ ଜିଲାପାଳ, ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ସିଟି ଡିଏସ୍‌ପିଙ୍କୁ ନେଇ ଗଠିତ ତିନିଜଣିଆ କମିଟି ଏହି ଘଟଣାର ତଦନ୍ତ କରୁଛନ୍ତି। ଗତ ଅଗଷ୍ଟ ୧ରେ ତଦନ୍ତ କମିଟି ଗଠନ ହୋଇଥିଲା। ୧୫ ଦିନ ଭିତରେ ରିପୋର୍ଟ ପ୍ରସ୍ତୁତ କରି ଶ୍ରୀମନ୍ଦିର ପରିଚାଳନା କମିଟିକୁ ଦେବା ପାଇଁ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ ରହିଛି। ୧୫ ତାରିଖ ସୁଦ୍ଧା ଏହି ରିପୋର୍ଟ ଦିଆଯିବ। ଅନ୍ୟପକ୍ଷରେ ହଡ଼ପନାୟକ ନିଯୋଗର ସେବାୟତ ଅନନ୍ତରାମ ମହାପାତ୍ର କହିଛନ୍ତି, ବର୍ତ୍ତମାନ ନିଯୋଗର ସଭାପତି ଓ ସମ୍ପାଦକ ବାହାରକୁ ଯାଇଛନ୍ତି। ସେମାନେ ଆସିବା ପରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ। ତେବେ ଆଡ଼ପ ପହଣ୍ଡି ଦିନ ହଡ଼ପ ନିଯୋଗ ପକ୍ଷରୁ କୌଣସି ବିଳମ୍ବ କରାଯାଇନାହିଁ। ଯେଉଁ ସମୟରେ ହଡ଼ପ ନାୟକଙ୍କୁ ଡକାଯାଇଥିଲା ସେ ସମୟରେ ସମ୍ପୃକ୍ତ ସେବାୟତ ଉପସ୍ଥିତ ଥିଲେ ବୋଲି ମହାପାତ୍ର କହିଛନ୍ତି। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, କମିଟି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସୋମବାର ବଳଭଦ୍ରଙ୍କ ବାଡ଼ଗ୍ରାହୀ ଅନାଥ ଦାସ ମହାପାତ୍ରଙ୍କୁ ଡାକି ପଚରାଉଚରା କରାଯାଇଥିଲା। ସେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ତେବେ ବଡ଼ଠାକୁର ଖସିପଡ଼ିବାର ଅନେକ କାରଣ ରହିଛି। ବହୁସଂଖ୍ୟକ ସେବାୟତ ଉପସ୍ଥିତ ଥିଲେ। ଅନେକ ସମୟ ଧରି ଠାକୁର ହଂସପଟା ନିକଟରେ ଠିଆହୋଇ ରହିଥିଲେ। ଅନେକ ସେବାୟତ ମୋବାଇଲ ଧରି ଠିଆ ହୋଇଥିଲେ। ଛାଟେଣି କିପରି ଖସିଲା ସେ ନେଇ ପଚାରିଥିଲେ। ଚାରମାଳ ଉପରେ ଠାକୁରଙ୍କୁ ଚଢ଼ାଇବା ଏବଂ ଓହ୍ଲାଇବା ଏକ ବିପଦପୂର୍ଣ୍ଣ କାର୍ଯ୍ୟ। ଠାକୁର ଚାରମାଳ ଉପରେ ଖସିଥାଆନ୍ତି। ଆଗାମୀ ଦିନରେ ଯେପରି ଏହାର ପୁନରାବୃତ୍ତି ନ ହେବ ସେନେଇ ସମସ୍ତେ ସଚେତନ ହେବା ଉଚିତ୍। ତେବେ କୌଣସି ସେବାୟତ ଜାଣିଶୁଣି ଠାକୁରଙ୍କୁ ଖସାଇ ନାହାନ୍ତି। ତଦନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅପରପକ୍ଷରେ ରଥ ଉପରେ ଶହ ଶହ ସଂଖ୍ୟାରେ ସେବାୟତ ଉପସ୍ଥିତ ରହୁଛନ୍ତି, ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

## ନନ୍ଦନକାନନରୁ କୁଲଡିହା ଅଭୟାରଣ୍ୟକୁ ଗଲେ ୧୯ ହରିଣ

ବାରଙ୍ଗ,୧୩।୮ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଚିତ୍ରାହରିଣ ସଂଖ୍ୟା ଆଶାତୀତ ଭାବେ ବଢ଼ିଯାଇଥିବାରୁ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କର୍ତ୍ତୃପକ୍ଷ ଉଦ୍ୟମ ଆରମ୍ଭ କରିଛନ୍ତି। ପିସିସିଏଫ୍‌ଙ୍କ ଅନୁମୋଦନକ୍ରମେ ନନ୍ଦନକାନନରୁ ୨୦୦ ହରିଣ ବାଲେଶ୍ୱର ଜିଲା କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟକୁ ସ୍ଥାନାନ୍ତର କରାଯିବ ବୋଲି ନିଷ୍ପତ୍ତି ନିଆହୋଇଥିଲା। ଏହି ଆଧାରରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ନନ୍ଦନକାନନରୁ ୬ ଅଣ୍ଡିରା ଓ ୧୩ ମାଈକୁ ମିଶାଇ ସମୁଦାୟ ୧୯ ହରିଣ ଧରା ହୋଇ ବାଲେଶ୍ୱରରୁ ଆସିଥିବା ଟିମ୍‌କୁ ପ୍ରଦାନ କରାଯାଇଛି। ଏହି ଟିମ୍ ହରିଣମାନଙ୍କୁ ଏକ ସ୍ୱତନ୍ତ୍ର ଗାଡ଼ିରେ ନେଇ କୁଲଡିହା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଅବଶିଷ୍ଟାଂଶ ୧୮୧ ହରିଣଙ୍କୁ ପର୍ଯ୍ୟାୟକ୍ରମେ ପଠାଯିବ ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

## ଦୁଇ ଲୁଟେରାଙ୍କୁ ୨ ବର୍ଷ ଲେଖାଏ ଜେଲଦଣ୍ଡ

ଭୁବନେଶ୍ୱର,୧୩।୮ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୧ର ବିଚାରପତି ମୋନାଲିସା ଦାସ ଚଳିତବର୍ଷ ମାର୍ଚ୍ଚରେ ତମାଣ୍ଡୋ ଥାନା ଅଞ୍ଚଳର ସୁନାଚେନ୍ ଲୁଟ୍ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଚନ୍ଦ୍ରଶେଖର ମହାପାତ୍ର ଓ ଇନ୍ଦ୍ରମଣି ବେହେରା। ଉଭୟଙ୍କୁ ୨ ବର୍ଷ ଲେଖାଏ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଅଭିଯୋଗକାରିଣୀ ସଂଘମିତ୍ରା କର ଗତ ମାର୍ଚ୍ଚ ୭ରେ ବଜାରରୁ କାମ ସାରି ନିଜ ଘର କଳିଙ୍ଗ ବିହାର ଫେଜ୍-୫କୁ ଅପରାହ୍ନ ପ୍ରାୟ ୨ଟା ବେଳେ ଫେରୁଥିଲେ। ଏହି ସମୟରେ ଦୁଇ ଅଭିଯୁକ୍ତ ବାଇକରେ ଆସି ଅଭିଯୋଗକାରିଣୀଙ୍କ ବେକରୁ ସୁନା ହାରକୁ ଲୁଟ୍ କରି ନେଇଯାଇଥିଲେ। ଏନେଇ ଏତଲାକ୍ରମେ ତମାଣ୍ଡୋ ଥାନା ପକ୍ଷରୁ ଏକ ମାମଲା (ନଂ.୯୧/୨୦୨୪) ରୁଜୁ କରାଯାଇ ଦୁଇ ଲୁଟେରାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ବିଜନ ବିହାରୀ କର ଓ ବିଜୟ କୁମାର ବାରିକ ପରିଚାଳନା କରିଥିଲେ।



ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଫରେଷ୍ଟର, ଫରେଷ୍ଟ ଗାର୍ଡ, ଲାଇଭ୍‌ଷ୍ଟକ୍ ପରୀକ୍ଷାର ଫଳାଫଳ ପ୍ରକାଶ କରିବା ଏବଂ ଅନ୍ୟାନ୍ୟ ଦାବି ନେଇ ଅଲ୍ ଓଡ଼ିଶା ଷ୍ଟୁଡେଣ୍ଟ ଆଶାୟୀ ପ୍ରାର୍ଥୀମାନେ ମଙ୍ଗଳବାର ୟୁନିଟ୍-୧ସ୍ଥିତ ଓଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

## ଚାଉଳ ପରିମାଣ, ମାନ ଉପରେ ଦିଆଯିବ ଗୁରୁତ୍ୱ

### ପିଏମ୍-ପୋଷଣ ଚାଉଳ ଯୋଗାଣ ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର, ୧୩।୮ (ଅସମାପିକା ସାହୁ)

ପିଏମ୍-ପୋଷଣ ଯୋଜନା ଅନ୍ତର୍ଗତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଏବଂ ପୁଷ୍ଟିକର ମଧ୍ୟାହ୍ନଭୋଜନ ଯୋଗାଇଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛି। ପିଏମ୍-ପୋଷଣ ଚାଉଳ ଯୋଗାଣରେ ହେଉଥିବା ଅବ୍ୟବସ୍ଥାର ମୁକାବିଲା କରିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ଜିଲାକୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲାପାଳଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମଧ୍ୟାହ୍ନଭୋଜନ ଚାଉଳ ପରିବହନ କଣ୍ଟ୍ରାକ୍ଟର ଜିଲା ଶିକ୍ଷାଧିକାରୀଙ୍କଠାରୁ ଚାଉଳ ବିତରଣ ସମ୍ବନ୍ଧୀୟ ବିବରଣୀ ଗ୍ରହଣ କରିବେ। ସେମାନେ ନିଜସ୍ୱ ପରିବହନ ଯାନ ଦ୍ୱାରା ଖାଦ୍ୟ ଯୋଗାଣ ନିଗମଠାରୁ ପୋଷଣଯୁକ୍ତ ଚାଉଳ ସଂଗ୍ରହ କରି ସିଧାସଳଖ ବିଦ୍ୟାଳୟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ରାଜ୍ୟ ଯୋଗାଣ ନିଗମରୁ ଉତ୍ତମ ମାନର ଚାଉଳ ଉଠାଣ କରାଯିବ। ପିଏମ୍-ପୋଷଣ ଚାଉଳ ଗ୍ରହଣ କରୁଥିବା ଅଧିକାରୀ ଚାଉଳର ପରିମାଣ ଓ ମାନ ଉପରେ ଗୁରୁତ୍ୱ ଦେବେ। ଚାଉଳ ଯୋଗାଣରେ ଥିବା କଣ୍ଟ୍ରାକ୍ଟରମାନେ ଓଜନ ମେଶିନ ରଖିବେ। ଯୋଗାଣ ସମୟରେ ଉପସ୍ଥିତ ଅଧିକାରୀ ବିତରଣ ଚାଲାଣକୁ ପ୍ରଥମେ ଯାଞ୍ଚ କରିବେ। ଯଦି ଚାଉଳର ଗୁଣବତ୍ତା ନିମ୍ନମାନର ଥିବ କିମ୍ବା ନିର୍ଦ୍ଧାରିତ ପରିମାଣଠାରୁ କମ୍ ଥିବ, ତେବେ ସେମାନେ ଚାଉଳ ଗ୍ରହଣ କରିବେ ନାହିଁ ଏବଂ ଏହି ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ। ସମ୍ପୃକ୍ତ ଅଧିକାରୀ ଚାଉଳର ପରିମାଣ, କେତେସଂଖ୍ୟକ ବସ୍ତା ରହିଛି ଓ ଗୁଣବତ୍ତାକୁ ବିତରଣ ଚାଲାଣରେ ଲେଖିବେ। ଏଥିସହିତ ଚାଲାଣରେ ନିଜେ ଦସ୍ତଖତ କରିବା ସହ ତାରିଖ ମଧ୍ୟ ଲେଖିବେ। ପିଏମ୍-ପୋଷଣ ଚାଉଳ ପରିବହନ ଓ ବିତରଣ ବ୍ୟବସ୍ଥାରେ ଦେଖାଯାଉଥିବା ଅବ୍ୟବସ୍ଥାକୁ ପ୍ରତିହତ କରିବା ପାଇଁ ଜିଲାସ୍ତରରେ ଏସ୍‌ଏମ୍‌ଏସ୍ ଆଲର୍ଟ ସିଷ୍ଟମର ମଧ୍ୟ ବ୍ୟବସ୍ଥା କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ଆଜି ୯ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୩।୮ (ଅସମାପିକା ସାହୁ)

ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାବେଳେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ବିଭିନ୍ନ ଜିଲାକୁ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ମଧ୍ୟ ଦିଆଯାଇଛି। ସେପଟେ ମଙ୍ଗଳବାର ବାଲେଶ୍ୱରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଏହି ଜିଲାରେ ସର୍ବାଧିକ ୬୦ମିମି ବର୍ଷା ରେକର୍ଡ କରାଯାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ମଙ୍ଗଳବାର ଅନୁଗୋଳରେ ୨୫, ରାଉରକେଲାରେ ୨୩.୨, ଖୋର୍ଦ୍ଧାରେ ୧୭, ଭୁବନେଶ୍ୱରରେ ୧୦.୮, କେନ୍ଦ୍ରାପଡ଼ାରେ ୮.୨, ନୟାଗଡ଼ରେ ୩, କେନ୍ଦୁଝରରେ ୨.୪, ଢେଙ୍କାନାଳରେ ୨, ଛତ୍ରପୁରରେ ୨, ଝାରସୁଗୁଡ଼ାରେ ୧.୭ମିମି ବର୍ଷା ହୋଇଛି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଥିବା ଆକଳନ କରାଯାଇଛି। ବୁଧବାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, କେନ୍ଦ୍ରାପଡ଼ା, ଝାରସୁଗୁଡ଼ା ଓ ସମ୍ବଲପୁର ଆଦି ୯ ଜିଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏସବୁ ଜିଲାରେ ୭୦ରୁ ୧୧୦ମିମି ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## 'ସୁଦୃଢ଼ ଶିକ୍ଷାନୀତିର ପ୍ରଣୟନ ଉଚ୍ଚଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିବ'

ଭୁବନେଶ୍ୱର,୧୩।୮ (ଅସମାପିକା ସାହୁ)



ସୂର୍ଯ୍ୟବଂଶୀ ସୂରଜ

ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ସ୍ନାତକ ସ୍ତରରେ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଣୟନ କରିବା ନିମନ୍ତେ ମଙ୍ଗଳବାର ଲୋକସେବା ଭବନରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ, ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଆଲୋଚନାଚକ୍ରରେ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି -୨୦୨୦ର ପ୍ରଣୟନ ଉଚ୍ଚଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିବ ବୋଲି କହିଛନ୍ତି। ସେ କହିଛନ୍ତି, ୧୯୩୬ରେ ଓଡ଼ିଶା ଏକ ଭାଷାଭିତ୍ତିକ ପ୍ରଦେଶର ମାନ୍ୟତା ପାଇଥିଲା। ୨୦୩୬ ସୁଦ୍ଧା ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶର ସ୍ୱପ୍ନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଖିଛନ୍ତି। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସୁଦୃଢ଼ ଜାତୀୟ ଶିକ୍ଷାନୀତି ପ୍ରଣୟନ ହେବା ନିହାତି ଜରୁରୀ। ପିଲାମାନେ ମାତୃଭାଷାରେ ଉଚ୍ଚଶିକ୍ଷା ଗ୍ରହଣ କଲେ ତାଙ୍କର ସୃଜନଶୀଳତା ବୃଦ୍ଧି ପାଇବ ବୋଲି ସେ ମତପ୍ରକାଶ କରିଥିଲେ। ଓଡ଼ିଆ ଅସ୍ମିତା, ଶୈକ୍ଷିକ ଅସ୍ମିତାକୁ ବଜାୟ ରଖିବା ପାଇଁ ଜାତୀୟ ଶିକ୍ଷା ନୀତି-୨୦୨୦କୁ ଆନ୍ତରିକତାର ସହ ପ୍ରଣୟନ କରିବା ପାଇଁ ସେ ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସହଯୋଗ କାମନା କରିଥିଲେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଯୁଗ୍ମ ସଚିବ ଡ. ଏନ୍. ଗୋପୁକୁମାର ଏହି ଆଲୋଚନାଚକ୍ର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତ ରଖିଥିଲେ। ଶେଷରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଚିତ୍ତରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିଲେ।





@ ଇରାମ



@ କଲବ୍ୟ



@ ରାକେଶ



@ ସୁନୀଲ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମା' କାଳିଜାଈଙ୍କ ଦର୍ଶନ କଲେ ରାଜ୍ୟପାଳ



ରାଜ୍ୟପାଳ ରଘୁବର ଦାସଙ୍କୁ ମା' କାଳିଜାଈଙ୍କ ଫଟୋ ପ୍ରଦାନ କରାଯାଉଛି।

କୃଷ୍ଣପ୍ରସାଦ,୧୩।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟପାଳ ରଘୁବର ଦାସ ମଙ୍ଗଳବାର ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳିଜାଈଙ୍କୁ ଦର୍ଶନ କରିଛନ୍ତି। ଚିଲିକାର ମନୋରମ ଦୃଶ୍ୟକୁ ଉପଭୋଗ କରିବା ସହ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। କାଳିଜାଈଙ୍କ ପୀଠର ମାର୍ଫତ୍‌ଦାର ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ରାଜ୍ୟପାଳଙ୍କୁ ପାଛୋଟି ନେଇଥିଲେ। ଏହାକୁ ଏକ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦିଆଗଲେ ପର୍ଯ୍ୟଟକଙ୍କ ଭିଡ଼ ହେବା ସହ ଅଞ୍ଚଳବାସୀଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ହୋଇପାରନ୍ତା ବୋଲି କହିଥିଲେ। ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଜିଲାର ଅଧିବାସୀଙ୍କ ସମସ୍ୟା ଉପରେ ଦେଓଙ୍କ ଠାରୁ ପଚାରି ବୁଝିଥିଲେ। ଅଞ୍ଚଳବାସୀଙ୍କ ସମସ୍ୟା ଏବଂ ତା'ର ସମାଧାନ ଉପରେ କିଛି ଲିଖିତ ତଥ୍ୟ ପ୍ରଦାନ କରିବା ପାଇଁ ଦେଓଙ୍କୁ ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳଙ୍କ ଗସ୍ତ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ୧୦ ଅଙ୍ଗଦାତା ପରିବାରକୁ 'ସୁରଜ ସମ୍ମାନ'

ଭୁବନେଶ୍ୱର, ୧୩।୮ (ଅସମାପିକା ସାହୁ)



ମନ୍ତ୍ରୀ ମୁକେଶ ମହାଲିଙ୍ଗ ଜଣେ ଅଙ୍ଗଦାତାଙ୍କ ପରିବାରକୁ ଅର୍ଥ ରାଶି ପ୍ରଦାନ କରୁଛନ୍ତି।

ଅଙ୍ଗଦାତା ଏବଂ ତାଙ୍କ ପରିବାରକୁ ସର୍ବୋଚ୍ଚ ସମ୍ମାନ ଜଣାଇ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ଅଙ୍ଗଦାନ ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୃତ ଅଙ୍ଗଦାତା ଓ ତାଙ୍କ ପରିବାରର ମହାନତାକୁ ଉଚ୍ଚ ପ୍ରଶଂସା କରିବା ସହ ରାଜ୍ୟବାସୀଙ୍କୁ ଅଧିକରୁ ଅଧିକ ଅଙ୍ଗଦାନ କରି ମୂଲ୍ୟବାନ ଜୀବନ ବଞ୍ଚାଇବାକୁ ମହତ୍ତ୍ୱର ପ୍ରୟାସ କରିବା ପାଇଁ ଅନୁରୋଧ କରିଛନ୍ତି। ଅଙ୍ଗଦାନ ଦ୍ୱାରା ଅଙ୍ଗ ପ୍ରତିରୋପଣ ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କ ଜୀବନରେ ନୂତନ ସୂର୍ଯ୍ୟୋଦୟ ଆସିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଅଙ୍ଗଦାନ ଓ ଏହାର ପ୍ରତିରୋପଣ ପାଇଁ ଆବଶ୍ୟକ ଭିତ୍ତିଭୂମି, ମାନବ ସମ୍ବଳ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ସୃଷ୍ଟି କରିବା ନିମନ୍ତେ ସରକାର 'ଜୀବନ ଉପହାର' ନାମକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ରାଜ୍ୟରେ ୧୪ଟି ଚିକିତ୍ସାଳୟକୁ ଅଙ୍ଗ ପ୍ରତିରୋପଣ ନିମନ୍ତେ ପଞ୍ଜୀକୃତ କରାଯାଇଛି। ଅଦ୍ୟାବଧି ୨୯ ଜଣ ମୃତକ ଅଙ୍ଗଦାନ କରିଛନ୍ତି ଏବଂ ୧,୫୪୦ଟି ବୃକକ ଓ ୯ଟି ଯକୃତ ପ୍ରତିରୋପଣ ସୁଚାରୁରୂପେ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହି ଅବସରରେ ବ୍ରହ୍ମପୁରର ସ୍ୱର୍ଗତା କ୍ରିଷ୍ଣା ପଣ୍ଡା, କେନ୍ଦୁଝର ଜିଲା ବରେଗୋଡ଼ିଆ, ରାବଣପଳାସପାଳର ସ୍ୱର୍ଗତ ଦମୟନ୍ତୀ ମହାନ୍ତ, ବାଲେଶ୍ୱର ଜିଲା ତଳକିଆର ସ୍ୱର୍ଗତ ଅଜିତ କୁମାର ଚୌଧୁରୀ, କେନ୍ଦ୍ରାପଡ଼ା ଜିଲା ବଡ଼ପଡ଼ାର ସ୍ୱର୍ଗତ ଓମ୍ ସିବୁ, ଭୁବନେଶ୍ୱରର ସ୍ୱର୍ଗତ ସୁବୋଜିତ ସାହୁ, ସ୍ୱର୍ଗତ କୃଷ୍ଣଚନ୍ଦ୍ର ମହାଭୋଇ, କେନ୍ଦୁଝର ହାଟଡିହୀର ସ୍ୱର୍ଗତ ସଞ୍ଜୁକ୍ତା ପାତ୍ର, ବାଲେଶ୍ୱର ଜିଲା ଦେବେନ୍ଦ୍ରପୁର ଅଭଣାର ସ୍ୱର୍ଗତ ପ୍ରତ୍ୟୁଷ ପାଣିଗ୍ରାହୀ, ଖୋର୍ଦ୍ଧା ଜିଲା ଚକ୍ରପଡ଼ା, ରାଧାକାନ୍ତପୁରର ସ୍ୱର୍ଗତ କାହ୍ନୁ ନାୟକ ଏବଂ ଜଗତ୍‌ସିଂହପୁର ଜିଲା ରେଢୁଆ, ରଘୁନାଥପୁରର ସ୍ୱର୍ଗତ ବୀରେନ୍ଦ୍ର ପ୍ରସାଦ ସ୍ୱାଇଁଙ୍କ ପରିବାରବର୍ଗଙ୍କୁ ସେମାନଙ୍କର ମହତ୍ କାର୍ଯ୍ୟ ନିମନ୍ତେ ଚଳିତବର୍ଷ ମନ୍ତ୍ରୀ 'ସୁରଜ ପୁରସ୍କାର'ରେ ସମ୍ମାନିତ କରିବା ସହ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ସ୍ୱର୍ଗତ ସୂରଜ ବେହେରାଙ୍କ ମାତାପିତା ଯିଏକି ଅନ୍ୟ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ସ୍ୱଇଚ୍ଛାରେ ନିଜ ମୃତ ପୁତ୍ରର ଅଙ୍ଗଦାନ କରିଥିଲେ ଏବଂ ରାଜ୍ୟରେ ସ୍ୱେଚ୍ଛାକୃତ ଅଙ୍ଗଦାନକୁ ପ୍ରୋତ୍ସାହିତ କରିଥିଲେ। ସେମାନଙ୍କ ପ୍ରେରଣାଦାୟକ ତଥା ମାନବିକ କାର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ରାଜ୍ୟର ଅଙ୍ଗଦାତାଙ୍କୁ ଏବଂ ଅଙ୍ଗଦାନକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରତିବର୍ଷ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ସ୍ୱର୍ଗତ ସୁରଜ ବେହେରାଙ୍କ ସମ୍ମାନରେ ବାର୍ଷିକ ସୂରଜ ପୁରସ୍କାର ପ୍ରଦାନ କରାଯାଉଛି। ହୃତ୍‌ପିଣ୍ଡ, ବୃକକ୍ ଏବଂ ଯକୃତ ମଧ୍ୟରୁ କୌଣସି ଗୋଟିଏ ଅଙ୍ଗ କିମ୍ବା ତତୋଧିକ ଅଙ୍ଗଦାନ କରିଥିବା ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଉଛି ଏବଂ ମୃତକଙ୍କ ଶେଷକୃତ୍ୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହିତ ସମ୍ପନ୍ନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳିନୀ ପଣ୍ଡିତ, ବିଭିନ୍ନ ଜିଲାର ଜିଲାପାଳ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଅଙ୍ଗଦାତାଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗର ଉପଶାସନ ସଚିବ ଅରୁଣା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ତ୍ରିରଙ୍ଗା ଉତ୍ତୋଳନ ପାଇଁ ରେଳପଥ ମହାପ୍ରବନ୍ଧକଙ୍କ ଆହ୍ୱାନ

ଭୁବନେଶ୍ୱର, ୧୩।୮ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଅଗଷ୍ଟ ୧୩ରୁ ୧୫ତାରିଖ ପର୍ଯ୍ୟନ୍ତ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ତାଙ୍କ ବାସଭବନରେ ମଙ୍ଗଳବାର ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହି ଅଭିଯାନରେ ଅଂଶଗ୍ରହଣ କରିବାକୁ ଫୁଙ୍କୱାଲ ପୂର୍ବରୁ ସମସ୍ତ ରେଳପଥ କର୍ମଚାରୀଙ୍କୁ ନିବେଦନ କରିଥିଲେ ଏବଂ ରେଳପଥ ପରିସୀମା ମଧ୍ୟରେ କର୍ମଚାରୀଙ୍କ ବ୍ୟାପକ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ବିଭାଗୀୟ ପ୍ରମୁଖ ଅଧିକାରୀ ଏବଂ ମଣ୍ଡଳ ରେଲୱେ ପ୍ରବନ୍ଧକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

